

ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର, ରେଡକ୍ରସ ଭବନ, ସକାଳ ୯ଟା।
- ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ପକ୍ଷରୁ ସାଧାରଣ ସଭା, ଉତ୍କଳ ସାମ୍ବାଦିକ ଭବନ, କେଶରୀ ଟକିଜ ପଛପଟ, ମଧ୍ୟାହ୍ନ ୧୨ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ସଙ୍ଗୀତ ସନ୍ଧ୍ୟା ଗୀତରେ ଗୀତରେ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ନଗରକୀର୍ତ୍ତନ ଓ ଘଟ ବିସର୍ଜନ, ଗେଣ୍ଡାମାଳିଆ, ଭିଙ୍ଗାରପୁର, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା, ପ୍ରତାପରୁଦ୍ରପୁର, ଆଖଣ୍ଡଳେଶ୍ୱର ମନ୍ଦିର, ସକାଳ ୯ଟା।

**ବ୍ରହ୍ମଗିରି**
- ବିଜିପୁର ଯୁଜି ଯୁପି ବିଦ୍ୟାଳୟର ବାର୍ଷିକ ଉତ୍ସବ, ବିଜିପୁର, ଅପରାହ୍ନ ୪ଟା।

## ଏନ୍‌ଟିଏସ୍‌ଇ ପ୍ରଥମ ପର୍ଯ୍ୟାୟରେ ଓଡିଏମ୍ ବିଦ୍ୟାର୍ଥୀଙ୍କ ସଫଳତା

**ଭୁବନେଶ୍ୱର, ୧୭।୨(ବ୍ୟୁରୋ):** ଜାତୀୟ ମେଧା ବୃତ୍ତି ପରୀକ୍ଷା (ଏନ୍‌ଟିଏସ୍‌ଇ) ୨୦୧୯-୨୦ର ପ୍ରଥମ ପର୍ଯ୍ୟାୟ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୧୫ ବିଦ୍ୟାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏମାନଙ୍କ ମଧ୍ୟରେ ଆଦି ଅମ୍ରିତା, ଅମ୍ରିତା ସାହୁ, ଅଙ୍କିତା ମଣ୍ଡଳ, ଆତିଶ୍ କୁମାର ସାହୁ, ଅଭୀପ୍ସା ସ୍ୱାଇଁ, ଆୟୁଷ ନନ୍ଦ, ପ୍ରତିକ୍ ପରମ୍‌ଜିତ୍ ବେହେରା, ପ୍ରିୟ ସୋମଦତ୍ତ ନାୟକ, ପ୍ରିୟାଂଶୁ ସାହୁ, ରିତିକ୍ ରଞ୍ଜନ ରଥ, ରିତିକା ବେହେରା, ଶୁଭ କ୍ରିଷ୍ଣା ଅଗ୍ନି, ଶୁଭମ୍ ସାହୁ, ଶୁଭଶ୍ରୀ ବେହେରା ଏବଂ ସ୍ୱୟମ୍ ପ୍ରକାଶ ମଲ୍ଲିକ ପ୍ରମୁଖ ଶତ ପ୍ରତିଶତ ଫଳାଫଳ ଆଣିପାରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହ ପ୍ରତିଷ୍ଠାତା ତଥା ଅଧକ୍ଷ ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇବା ସହ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ସଫଳତା ଆଣିବା ପାଇଁ ଶୁଭାଶୀର୍ବାଦ ପ୍ରଦାନ କରିଛନ୍ତି। ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ମେଧା ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ବହନ କରିଥିବା ସେକେଣ୍ଡାରି ଏକାଡେମିକ୍ ହେଡ୍ ଲକ୍ଷ୍ମୀବତୀ ଦାସ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାମୂହିକ ଉଦ୍ୟମ ଏବଂ ପରିଶ୍ରମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।

## ସାମାଜିକ ବୈଷମ୍ୟ, ଅର୍ଥନୈତିକ ଅସ୍ଥିରତା ଆଣିବ କେନ୍ଦ୍ର ବଜେଟ

**ଭୁବନେଶ୍ୱର,୧୭।୨(ବ୍ୟୁରେ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦରେ ଉପସ୍ଥାପନ କରିଥିବା ୨୦୨୦-୨୧ ବଜେଟ ସମ୍ପୂର୍ଣ୍ଣ ଦିଶାହୀନ। ସାମାଜିକ ବୈଷମ୍ୟ ବୃଦ୍ଧି କରିବା ସହ ଦେଶର ଆର୍ଥିକ ଅଧୋଗତି ଆଣିବ ବୋଲି ସିଟିଜେନ୍ସ ଫୋରମର ମାସିକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଲେ, ହୋଇଥିବା ବଜେଟ ଅନୁସାରେ ଅର୍ଥ କେଉଁଠୁ ଆସିବ ସରକାର କିଛି କହିନାହାନ୍ତି। ୨୦ ଭାଗ ଋଣ କରି ୧୮ ଭାଗ ଋଣର ସୁଧ ଶୁଝିବା କଥା କୁହାଯାଇଛି। ୧୦ଭାଗ ଧନୀ ଲୋକଙ୍କ ହାତରେ ୯୦ ଭାଗ ସମ୍ପଦ ରହିଛି। ଶିଳ୍ପପତିଙ୍କୁ ୧ ଲକ୍ଷ ୪୫ ହଜାର କୋଟି ଟଙ୍କା କର ଛାଡ଼ କରାଯାଇଥିବାବେଳେ ବଜେଟରେ ସମସ୍ତ ସାମାଜିକ ସୁରକ୍ଷା କ୍ଷେତ୍ରରେ ଖର୍ଚ୍ଚ ଅଟକଳ କମ୍ ରହିଛି। ଦର ବୃଦ୍ଧି ଯୋଗୁ ବଜାର ସମ୍ପୂର୍ଣ୍ଣ ମାନ୍ଦା ରହିଛି। ୪.୮ଭାଗ ଅଭିବୃଦ୍ଧି ଆଦୌ ଉତ୍ସାହଜନକ ନୁହେଁ। ଶିଳ୍ପ ଉତ୍ପାଦନ କମିଛି ଓ ମାତ୍ର ୧ ଭାଗ ପୁଞ୍ଜି ବିନିଯୋଗ ବଢ଼ିଛି। ଗତବର୍ଷ ୪.୫ ଲକ୍ଷ ଶ୍ରମିକ ଛଟେଇ ହୋଇଛି। ବେକାରି ବଢ଼ିଛି, ବିମୁଦ୍ରାୟନ ଓ ଜିଏସ୍‌ଟି ଅପରିଣାମ ସଦୃଶ ହୋଇଛି। ଗଦା ଗଦା କଳା ଟଙ୍କା ବେପାରୀମାନଙ୍କ ନିକଟରେ ଠୁଳ ହେବାରେ ଲାଗିଛି ବୋଲି କାନୁନ୍‌ଗୋ କହିଛନ୍ତି। ରବିବାର ଖାରବେଳ ନଗରସ୍ଥିତ ଶ୍ରମିକ ଭବନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ କୃଷି ଅର୍ଥନୀତିବିତ୍ ତଥା ଓୟୁଏଟିର ପୂର୍ବତନ ଡିନ୍ ଡ. ଦିବାକର ନାୟକ, ବିଶିଷ୍ଟ ସ୍ତମ୍ଭକାର ତଥା ଅର୍ଥନୀତି ଆଲୋଚକ ସରଳ କୁମାର ଦାସ, ସମାଜବିଜ୍ଞାନୀ ସନ୍ତୋଷ ପାତ୍ର ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସଂସ୍ଥାର ସଭାପତି ଡ. ମଧୁସୂଦନ ମିଶ୍ର ସଭାପତିତ୍ୱ ଓ ଆବାହକ ପ୍ରଦୀପ୍ତ ନାୟକ ପରିଚାଳନା କରିଥିଲେ।

# ରହସ୍ୟ ସୃଷ୍ଟି କଲା ମୃତା ଛାତ୍ରୀଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟ

**ଭୁବନେଶ୍ୱର,୧୭।୨(ବ୍ୟୁରୋ): ବଡଗଡ଼ ଥାନା ଅନ୍ତର୍ଗତ ବିଜେବି ନଗରସ୍ଥିତ ଏକ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଖସି ଅଷ୍ଟମ ଶ୍ରେଣୀ ଛାତ୍ରୀ କୃତ୍ତିକା ମିଶ୍ରଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଏହା ଏକ ଦୁର୍ଘଟଣା ନା ଆତ୍ମହତ୍ୟା ତାହାକୁ ନେଇ ଏବେ ବି ସସ୍‌ପେନ୍ସ ଲାଗି ରହିଛି। ହେଲେ ସୋମବାର କୃତ୍ତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ନାନା ରହସ୍ୟ ସୃଷ୍ଟି କରିଛି। ମୃତ୍ୟୁ ପୂର୍ବରୁ କୃତ୍ତିକା ଇନ୍‌ଷ୍ଟାଗ୍ରାମରେ ଜଣେ ସାଙ୍ଗଙ୍କ ସହ ଚାଟ୍ କରି କିଛି ପୋଷ୍ଟ ଛାଡ଼ିଥିଲେ। ଉକ୍ତ ପୋଷ୍ଟର ରହସ୍ୟକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଥିବାବେଳେ ବାହ୍ୟ ପ୍ରେରଣା କିମ୍ବା ଗଭୀର ବିଷାଦ ମୃତ୍ୟୁକୁ ଡାକି ଆଣିଥିବା ସଙ୍କେତ ମିଳୁଛି।**

### ପୋଷ୍ଟରେ ରହିଛି 'ବାଏ ବାଏ ପିପୁଲ'

କୃତ୍ତିକା ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ 'ବାଏ ବାଏ ପିପୁଲ' ଲେଖି ପୋଷ୍ଟ କରିଥିଲେ। ଏହାକୁ ଦେଖି ତାଙ୍କ ସାଙ୍ଗ ପଚାରିଥିଲେ କୁଆଡେ ଯାଉଛ? ଉତ୍ତରରେ କୃତ୍ତିକା ଲେଖିଥିଲେ ହେଭେନ୍(ସ୍ୱର୍ଗ)କୁ ଯାଉଛି। କୃତ୍ତିକାଙ୍କ ଏଭଳି ପୋଷ୍ଟ ମାମଲାକୁ ଅଧିକ ରହସ୍ୟ କରିଦେଇଛି। କୃତ୍ତିକା ଆତ୍ମହତ୍ୟା କରିଥିବା ତାଙ୍କ ପୋଷ୍ଟରୁ ଅନୁମାନ କରାଯାଉଥିଲେ ମଧ୍ୟ ପୋଲିସ କିପରି ଏହାକୁ ପ୍ରମାଣିତ କରିବ ତାହାକୁ ନେଇ ଅଡୁଆରେ ପଡିଛି। ସେ କ'ଣ ପାଇଁ ଏପରି ଚରମ ପଦକ୍ଷେପ ଗ୍ରହଣ କଲେ, ଏଭଳି ପୋଷ୍ଟ କାହିଁକି ସୋସିଆଲ ମିଡିଆରେ ଲେଖିଲେ – ଏପରି ଅନେକ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ। ଚାଟ୍ କରିଥିବା ସାଙ୍ଗଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ ବୋଲି ଜଣାପଡିଛି।

### ଆପାର୍ଟମେଣ୍ଟରୁ ଖସି ଛାତ୍ରୀ ମୃତ୍ୟୁ ଘଟଣା



**ଏବେ ବି ରହସ୍ୟରେ ଏକାଧିକ ଆତ୍ମହତ୍ୟା ମାମଲା**

କମିଶନରେଟ ପୋଲିସ ଇଲାକାରେ ଏକାଧିକ ଆତ୍ମହତ୍ୟା ମାମଲା କେବଳ ରହସ୍ୟ ହୋଇ ରହିଯାଇଛି। ପୋଲିସ କେବଳ ଅପମୃତ୍ୟୁ ମାମଲା ରୁଜୁ କରି କିଛିଦିନର ତତ୍ପରତା ପ୍ରକାଶ କରି ଚୁପ୍ ରହୁଛି। ଫଳରେ ଆତ୍ମହତ୍ୟାର ରହସ୍ୟ ସାମ୍ନାକୁ ଆସୁଛି। ଖଣ୍ଡଗିରି ବ୍ୟାଙ୍କ୍ ମ୍ୟାନେଜର ଆତ୍ମହତ୍ୟା, ନୟାପଲ୍ଲୀ ବେହେରା ସାହିରେ ଛାତ୍ରୀ ଆତ୍ମହତ୍ୟା, ଧଉଳି ଆଇନଜୀବୀ ଦୀପାଳି ଆତ୍ମହତ୍ୟା, ଭିଏସ୍‌ଏସ୍ ନଗର ଛାତ୍ର ନେତାଙ୍କ ଆତ୍ମହତ୍ୟା ଏପରି ଅନେକ ମାମଲା କମିଶନରେଟ ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

### ମଥାରେ 'ପରଫେକ୍ଟ ଲେଖା'କୁ ନେଇ ଆଶ୍ଚର୍ଯ୍ୟ ପରିବାର

ଅନ୍ୟପକ୍ଷରେ ମୃତ୍ୟୁ ପରେ କୃତ୍ତିକାଙ୍କ ମଥାରେ 'ପରଫେକ୍ଟ' ଲେଖାଥିବା ଦେଖିବାକୁ ମିଳିଥିଲା। ଏହି ଲେଖାକୁ ନେଇ ପରିବାର ଓ ଆପାର୍ଟମେଣ୍ଟ ବାସିନ୍ଦା ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। କ'ଣ ପାଇଁ କୃତ୍ତିକା ନିଜ ମଥାରେ ଇଂଲିଶରେ ଏଭଳି ଲେଖିଥିଲେ? ତାଙ୍କ ମୃତ୍ୟୁ ସହ ଏହି ଲେଖାର କିଛି ସଂଯୋଗ ରହିଛି କି? ଏହା ପଛରେ ନିଶ୍ଚିତ କିଛି ରହସ୍ୟ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ମୃତ୍ୟୁ ପୂର୍ବରୁ ତାଙ୍କର ମାନସିକ ଅବସ୍ଥା, କାର୍ଯ୍ୟକଳାପ କିପରି ଥିଲା ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଜରୁରୀ ହୋଇପଡିଛି।

### ଖାଲିପଡ଼ିଥିଲା ପରୀକ୍ଷା ସିଟ୍ ନଂ. ୮ଏ-୨୩, କାନ୍ଦିଲେ ସହପାଠୀ

କୃତ୍ତିକା ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ବଡ଼ଗଡ଼ ବିଜେଇଏମ୍ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ସେ ହାରାହାରି ୯୦ ପ୍ରତିଶତ ମାର୍କ ରଖୁଥିଲେ। ଏବେ ସ୍କୁଲରେ ଚାଲିଥିବା ପରୀକ୍ଷାରେ ସୋମବାର ସଂସ୍କୃତ ବିଷୟ ଥିଲା। କୃତ୍ତିକାଙ୍କ ସମସ୍ତ ସାଙ୍ଗ ପରୀକ୍ଷା ଦେଉଥିଲେ ମଧ୍ୟ କୃତ୍ତିକାଙ୍କ ସିଟ୍ ନଂ.୮ଏ-୨୩ ଖାଲି ପଡ଼ିଥିଲା। ହେଲେ ଉକ୍ତ ସିଟ୍ ନିକଟରେ ବସିଥିବା ତାଙ୍କ ସାଙ୍ଗମାନେ କିନ୍ତୁ କୃତ୍ତିକାଙ୍କ ମୃତ୍ୟୁ ସମ୍ପର୍କରେ ଜାଣିପାରି ନ ଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରୁ ଜାଣିବା ପରେ ସମସ୍ତେ କାନ୍ଦି ପକାଇଥିଲେ। କୃତ୍ତିକା ଜଣେ ଭଲ ସାଙ୍ଗ ଥିଲେ। ସାଙ୍ଗଙ୍କ ମେଳରେ ହସଖୁସିରେ ରହୁଥିଲେ। ତାଙ୍କର ଏଭଳି ହଠାତ ମୃତ୍ୟୁକୁ କେହି ସହଜରେ ବିଶ୍ୱାସ କରିପାରୁନାହାନ୍ତି।

### ପୂରା ଘଟଣାର ଅନୁସନ୍ଧାନ ହେବା ଆବଶ୍ୟକ: ସ୍କୁଲ ଅଧକ୍ଷା

କୃତ୍ତିକାଙ୍କ ମୃତ୍ୟୁକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ସେ ପଢୁଥିବା ବିଜେଇଏମ୍ ସ୍କୁଲର ଅଧକ୍ଷା ସନ୍ଧ୍ୟା ଜେନା। ସେ କହିଛନ୍ତି, ଇନ୍‌ଷ୍ଟାଗ୍ରାମ୍ ବିଷୟରେ ଆମକୁ କିଛି ଜଣା ନ ଥିଲା। ଏସବୁ ଜାଣି ଆମେ ଭାବୁଛୁ ଏହି ଘଟଣାରେ ଅନ୍ୟକିଛି ଦିଗ ରହିଛି। ଆମେ ଏ ପର୍ଯ୍ୟନ୍ତ ଏତିକି ଜାଣିଥିଲୁ ଯେ, ପିଲାଟି ଟେରାସରୁ ଖସିପଡିବାରୁ ମୃତ୍ୟୁ ଘଟିଥିଲା। ନିଶ୍ଚିତ ମୃତ୍ୟୁ ପଛରେ ରହସ୍ୟ ରହିଛି। ପୂରା ଘଟଣାର ଅନୁସନ୍ଧାନ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଅଧକ୍ଷା ଜେନା କହିଛନ୍ତି।




ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ସୋମବାର ଅନୁଷ୍ଠିତ ୯୦ତମ ଲୋକକଳା ଉତ୍ସବରେ ବୌଦ୍ଧର କଳାକାରମାନେ ଦାଣ୍ଡ ନାଚ ସୁଆଙ୍ଗ ପରିବେଷଣ କରୁଛନ୍ତି।

# ରାଜଧାନୀରେ ୧ ଲକ୍ଷ ଲୁଟ୍, ବ୍ୟବସାୟୀ ଆହତ

**୧୫ ଦିନରେ ଦ୍ୱିତୀୟ ଘଟଣା**
- ଘର କାମ ପାଇଁ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଆଣୁଥିଲେ
- ସାଇକେଲକୁ ଗୋଇଠା ମାରି ଟଙ୍କା ନେଇଗଲେ ଦୁର୍ବୃତ୍ତ
- ପୂର୍ବରୁ ଜଣେ ପୋଲିସଠାରୁ ହୋଇଥିଲା ୨ଲକ୍ଷ ଲୁଟ

**ଭୁବନେଶ୍ୱର,୧୭।୨(ବ୍ୟୁରେ)**

ଗତ ସପ୍ତାହରେ ଖାରବେଳନଗର ଥାନା ଅନ୍ତର୍ଗତ ରେଡ୍‌କ୍ରସ୍ ଭବନ ସମ୍ମୁଖରୁ ଜଣେ ପୋଲିସ କର୍ମଚାରୀଙ୍କଠାରୁ ୨ଲକ୍ଷ ଲୁଟ୍ ହୋଇଥିଲା। ଏହି ଘଟଣାରେ କମିଶନରେଟ ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଠାବ କରିପାରି ନ ଥିବାବେଳେ ସୋମବାର ଆଉ ଏକ ଘଟଣା ଘଟିଛି। ୟୁନିଟ-୪ ମସ୍‌ଜିଦ ପଛପାର୍ଶ୍ୱ ରାସ୍ତାରେ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଆହତ ବ୍ୟବସାୟୀ ଜଣକ ହେଲେ ତମାଣ୍ଡୋ ଅଞ୍ଚଳର କାର୍ତ୍ତିକଚନ୍ଦ୍ର ଜେନା। ସେ ଶାସ୍ତ୍ରୀନଗରରେ ଘର ଭଡା ନେଇ ଗୁଟ୍‌ଖା ବ୍ୟବସାୟ କରନ୍ତି। ଘଟଣା ସଂକ୍ରାନ୍ତରେ କାର୍ତ୍ତିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏହି ଥାନାଞ୍ଚଳରେ ବାରମ୍ବାର ଲୁଟ୍ ହେଉଥିବାରୁ ସମାନ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ସନ୍ଦେହ କରି ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଣି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ତମାଣ୍ଡୋରେ କାର୍ତ୍ତିକଙ୍କ ଘର କାମ ଚାଲିଥିବାରୁ ଟଙ୍କା ଆବଶ୍ୟକ ଥିଲା। ତେଣୁ ସେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ କେଶରୀ ହଲ୍ ନିକଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ଲକ୍ଷେ ଟଙ୍କା ଉଠାଇବା ପରେ ଏକ ଜରିରେ ବାନ୍ଧି ନିଜ ଅଣ୍ଟାରେ ଖୋସି ସାଇକେଲରେ ରବୀନ୍ଦ୍ରମଣ୍ଡପ ଗଳି ଦେଇ ୟୁନିଟ-୪ ମାର୍କେଟ ଅଭିମୁଖେ ଯାଉଥିଲେ। ଏହି ସମୟରେ ପଛରୁ ଏକ ବାଇକରେ ଦୁଇଜଣ ଲୁଟେରା ତାଙ୍କ ନିକଟତର ହୋଇଥିଲେ। ଗାଡ଼ି ଚଳାଉଥିବା ଲୁଟେରା ଜଣକ ହେଲ୍‌ମେଟ୍ ପିନ୍ଧିଥିଲେ। ପଛରେ ବସିଥିବା ଲୁଟେରା ଜଣକ ହଠାତ୍ ତାଙ୍କ ସାଇକେଲକୁ ଗୋଇଠା ମାରିବାରୁ କାର୍ତ୍ତିକ ତଳେ ପଡିଯାଇଥିଲେ। ଏହି ସମୟରେ ଗୋଇଠା ମାରିଥିବା ଲୁଟେରା ଗାଡିରୁ ଓହ୍ଲାଇ କାର୍ତ୍ତିକଙ୍କ ଅଣ୍ଟାରୁ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେମାନେ ମାଛ ମାର୍କେଟ ଗଳି ଦେଇ ଭେଙ୍କଟେଶ୍ୱର ସ୍କୁଲ ଆଡକୁ ପଳାଇଥିଲେ। କାର୍ତ୍ତିକଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚିବାବେଳକୁ ଆଉ କିଛି ବାକି ନ ଥିଲା। ପରିବାର ଲୋକେ ଖବର ପାଇ ଆହତ କାର୍ତ୍ତିକଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ସାବଧାନ: ବ୍ୟାଙ୍କ୍‌ରେ ଲୁଟି ବୁଲୁଛନ୍ତି ଲୁଟେରା

ଆପଣ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଆଣୁଛନ୍ତି କି? ସାବଧାନ ରୁହନ୍ତୁ। କାରଣ ଲୁଟେରାମାନେ ବ୍ୟାଙ୍କ୍‌ରେ ଲୁଚି ବୁଲୁଛନ୍ତି। ସେମାନେ ଆପଣଙ୍କ ଟଙ୍କା ଉପରେ ନଜର ରଖି ଅଧାବାଟରୁ ଲୁଟି ନେଇପାରନ୍ତି। ମିଳିଥିବା ସୂଚନାନୁସାରେ, କମିଶନରେଟ ପୋଲିସ ଇଲାକାରେ ବି ଲୁଟେରା ବାରମ୍ବାର ଚ୍ୟାଲେଞ୍ଜ କରିଚାଲିଛନ୍ତି। ଏଥିରେ ପୂରା ଗ୍ୟାଙ୍ଗ୍ ଯୋଜନାବଦ୍ଧ ଭାବେ ସମ୍ପୃକ୍ତ ରହୁଛି। ବ୍ୟାଙ୍କ୍ ଭିତରେ ଗ୍ୟାଙ୍ଗ୍‌ର କେତେଜଣ ସଦସ୍ୟ ଲୁଚି ରହି ଉଠୁଥିବା ଟଙ୍କା ଓ ନେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଲିଡରଙ୍କୁ ସୂଚନା ଦେଇଥାନ୍ତି। ଟଙ୍କା ଉଠାଇବାକୁ ଯାଉଥିବା ଲୋକ କେମିତି, କାହା ସହ ଓ କେମିତି ଆସିଛନ୍ତି, ସବୁକିଛି ତଥ୍ୟ ମିଳିବା ପରେ ଲୁଟ୍ ଓ ଖସିବା ପାଇଁ ଯୋଜନା ହୋଇଥାଏ। କାହାକୁ ଆକ୍ରମଣ ତ ଆଉ କାହାକୁ ନାନା ଉପାୟରେ ବୋକା ବନାଇ ଟଙ୍କା ଲୁଟି ଫେରାର ହୋଇଯାଉଛନ୍ତି।

**ଦୁଇ ମାମଲାରେ ଗୋଟିଏ ଗ୍ୟାଙ୍ଗ୍**

ଖାରବେଳନଗର ଥାନା ଅନ୍ତର୍ଗତ ରେଡକ୍ରସ୍ ସମ୍ମୁଖରେ ଗତ ସପ୍ତାହରେ ଜଣେ ପୋଲିସ କର୍ମଚାରୀଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ ହୋଇଥିଲା। ସୋମବାର ସମାନ ଢଙ୍ଗରେ ପୁଣି ଜଣେ ବ୍ୟବସାୟୀଙ୍କଠାରୁ ଲୁଟ ହୋଇଛି। ଏହି ଦୁଇ ଲୁଟ୍ ପଛରେ ଗୋଟିଏ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏହି ର୍‍ୟାକେଟରେ ଜେଲ୍ ଫେରନ୍ତା ଅଭିଯୁକ୍ତଙ୍କର ସମ୍ପୃକ୍ତି ଥିବା ନେଇ ପୋଲିସ ସୂଚନା ପାଇଛି। ତେଣୁ ନିକଟରେ ଜେଲ୍‌ରୁ ମୁକୁଳିଥିବା ଲୁଟେରା ଓ ଅନ୍ୟ ଅଭିଯୁକ୍ତଙ୍କର ତାଲିକା ଖୋଜା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବି.ଏନ୍. ସେନାପତି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଆରତି



ମାମା



ମନୋଜ



ଜିତୁ



ଜଗା



ବିଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ବିବାହ କରିବାକୁ କହି ଠକିନେଲେ ୨୫ ଲକ୍ଷ

**ଭୁବନେଶ୍ୱର,୧୭।୨(ବ୍ୟୁରେ)**

- ଠକେଇ, ପ୍ରତାରଣାର ଶିକାର ଯୁବତୀ ଜଣେ ବ୍ୟାଙ୍କ୍ କର୍ମଚାରୀ
- ଫେରାର ପ୍ରେମିକ ବେଙ୍ଗାଲୁରୁରୁ ଗିରଫ

ପ୍ରଥମେ ବନ୍ଧୁତା, ପରେ ପ୍ରେମ। ସମ୍ପର୍କ ଆଗକୁ ବଢ଼ିବା ପରେ ବିବାହ କରିବାକୁ କହି ଯୁବତୀଙ୍କଠାରୁ ଠକିନେଲେ ୨୫ ଲକ୍ଷ। ପ୍ରତାରଣା ଓ ଠକେଇର ଶିକାର ହୋଇଥିବା ଯୁବତୀ ଜଣକ ହେଉଛନ୍ତି ଜଣେ ବ୍ୟାଙ୍କ୍ କର୍ମଚାରୀ। ଠକେଇ ଓ ପ୍ରତାରଣା କରି ଫେରାର ହୋଇଥିବା ପ୍ରେମିକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ତ୍ରିନାଥ ନିବାସ ହାଉସିଂବୋର୍ଡ କଲୋନୀରେ ରହୁଥିବା ରାକେଶ କୁମାର ପାତ୍ର (୨୯)।

ପୋଲିସ ସୂଚନା ମୁତାବକ, ଯୁବତୀଙ୍କ ସହ ରାକେଶଙ୍କର ପ୍ରଥମେ ବ୍ରହ୍ମପୁରରେ ଦେଖାହୋଇଥିଲା। ଏହାପରେ ସେମାନଙ୍କ ମଧ୍ୟରେ ବନ୍ଧୁତାରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଯୁବତୀ ଜଣକ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଏକ ବ୍ୟାଙ୍କରେ ଚାକିରି କରୁଥିବାବେଳେ ରାକେଶ ବେଙ୍ଗାଲୁରସ୍ଥିତ ଘରୋଇ କମ୍ପାନୀରେ ଚାକିରି କରନ୍ତି। ଯୁବତୀଙ୍କ ମନ ଜିଣିବା ପରେ ବିବାହ କରିବାକୁ କହି ରାକେଶ ତାଙ୍କଠାରୁ ଟଙ୍କା ଲୁଟିବାକୁ ଯୋଜନା କରିଥିଲେ। ନାନା ସମସ୍ୟାର ଆଳଦେଖାଇ ବିଭିନ୍ନ ସମୟରେ ଯୁବତୀଙ୍କଠାରୁ ଟଙ୍କା ଧାର୍ ସୂତ୍ରରେ ନେଇଥିଲେ। ୨୫ ଲକ୍ଷ ହାତେଇବା ପରେ ପ୍ରତାରଣା ଆରମ୍ଭ କରିଥିଲେ। ଯୁବତୀ ଜଣକ ଠକେଇର ଶିକାର ହୋଇଥିବା ଜାଣିବା ପରେ ରାକେଶଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ନିରାଶ ହେବାରୁ ଗତ ସେପ୍ଟେମ୍ବର ୧୮ରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ୩୫୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଶୁକ୍ରବାର ଅଭିଯୁକ୍ତ ରାକେଶଙ୍କୁ ବେଙ୍ଗାଲୁରରୁ ଗିରଫ କରି ଓଡ଼ିଶା ଆଣିଥିଲା। ସୋମବାର ତାଙ୍କୁ ପଚରାଉଚରା ପରେ ପୋଲିସ କୋର୍ଟ ଚାଲାଣ କରିଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



## ସଂକ୍ଷେପରେ

### ୨ ବଳାତ୍କାର ଘଟଣା: ୨ ଅଭିଯୁକ୍ତ ଗିରଫ

**ପୁରୀ ଅଫିସ, ୧୭।୨:** ପୁରୀରେ ଦୁଇ ଦିନରେ ଘଟିଥିଲା ୨ଟି ବଳାତ୍କାର ଘଟଣା। ଏ ନେଇ ଚନ୍ଦନପୁର ଓ କୁମ୍ଭାରପଡ଼ା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ସୋମବାର ପୋଲିସ ଏହି ଦୁଇ ମାମଲାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ଲଣ୍ଡା ପ୍ରଧାନ ଏବଂ ନୟାଗଡ଼ ଅଞ୍ଚଳର ଉମାକାନ୍ତ ଆଚାର୍ଯ୍ୟ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ଶନିବାର ମଧ୍ୟାହ୍ନରେ ପୁରୀ ଚନ୍ଦନପୁର ଥାନା ଅଞ୍ଚଳର ଲଣ୍ଡା ଜଣେ ୪ବର୍ଷୀୟା ନାବାଳିକାଙ୍କୁ କାର୍ଟୁନ ଭିଡିଓ ଦେଖାଇବା ବାହାନାରେ ଏକ ଅର୍ଦ୍ଧନିର୍ମିତ କୋଠାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କାହାରିକୁ କହିଲେ ଅଥବା ଥାନାରେ ଜଣାଇଲେ ପରିବାର ଲୋକଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ଆଇପିସି ଦଫା ୩୭୬ (ଏ), ୨୯୪, ୫୦୬, ୩୪ ପୋକ୍‌ସୋ ଆକ୍ଟରେ ଏକ କେସ୍ (ନଂ. ୩୭/୨୦) ରୁଜୁ ହୋଇଛି। ସେହିପରି ରବିବାର ପୂର୍ବାହ୍ନରେ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଏକ ମନ୍ଦିର ନିକଟରେ ଜଣେ ୪ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ପୋକ୍‌ସୋ ଆକ୍ଟରେ କେସ୍ ନଂ. ୫୨/୨୦ ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଉମାକାନ୍ତଙ୍କୁ ଗିରଫ କରିଥିଲା।

### ଚାପଡରେ ପାପୁଲି ହାଣିଥିବା ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ):** ବଚସାରୁ ଚାପଡ଼ରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସାଲିଆସାହି ଅଞ୍ଚଳରେ ରହୁଥିବା ଲକ୍ଷ୍ମଣ ମୁର୍ମୁ(୨୫)। ସୂଚନା ମୁତାବକ, ଗଣପତିନଗରରେ ରହୁଥିବା କିଶୋର ଚନ୍ଦ୍ର ସେଠୀଙ୍କ ସହ ଗତ ରବିବାର ଲକ୍ଷ୍ମଣଙ୍କର ପାଟିତୁଣ୍ଡ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଲକ୍ଷ୍ମଣ ମାଂସ କଟା ଚାପଡରେ କିଶୋରଙ୍କୁ ଆକ୍ରମଣ କରିଥିଲେ। କିଶୋର ହାତ ଦେଖାଇ ଦେବାରୁ ଚାପଡ଼ ଚୋଟରେ ପାପୁଲି କଟିଯାଇଥିଲା।

# ପୁରୀ ଇନ୍ଦିରା ଭବନରେ ରକ୍ତାକ୍ତ ସଂଘର୍ଷ





### ନିଶାଖୋରଙ୍କ ଆଡ୍ଡାସ୍ଥଳୀ

ଭିଆଇପି ରୋଡରେ ରହିଛି ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ। ଏହା ଏକ ନିଛାଟିଆ ସ୍ଥାନରେ ଥିବାରୁ ଏବେ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଭବନ ନିକଟରେ ନିଶାଖୋରଙ୍କ ଆଡ୍ଡା ଜମୁଛି ବୋଲି କେତେଜଣ ଦଳୀୟ କର୍ମୀ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଅନ୍ୟପଟେ ଆକ୍ରମଣର ଶିକାର ଛାତ୍ରନେତା ଆଶୁତୋଷ ଥାନାରେ ଦେଇଥିବା ଅଭିଯୋଗରେ ମଧ୍ୟ ଏହା ଦର୍ଶାଇଛନ୍ତି।

### ଜିଲା କାର୍ଯ୍ୟାଳୟ ଅକ୍ତିଆରକୁ ନେଇ ଛକାପଞ୍ଝା

ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟ ହାତେଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ହେଲା ଛକାପଞ୍ଝା ଲାଗି ରହିଛି। ପୂର୍ବରୁ ଅନେକ ଥର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଗୋଷ୍ଠୀ ହାତରେ ଦୀର୍ଘ ଦିନ ଧରି ଏହି କାର୍ଯ୍ୟାଳୟ ରହିଥିବାରୁ ଅନ୍ୟ ଗୋଷ୍ଠୀ ଏହାକୁ ହାତେଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

### ପଦାରେ ପଡ଼ିଲା ଦଳର ଫାଟ

ଗତ ସାଧାରଣ ନିର୍ବାଚନକୁ ନେଇ ପିସିସି ନିଷ୍ପତ୍ତି ଉପରେ ଗୋଟିଏ ଗୋଷ୍ଠୀ ଅସନ୍ତୁଷ୍ଟ ଥିଲେ। ନିର୍ବାଚନ ସମୟରେ ମଧ୍ୟ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ବର୍ତ୍ତମାନର ଆକ୍ରମଣ ଘଟଣା ପରେ ଜିଲା କଂଗ୍ରେସ ଦୁଇ ଫାଳ ହୋଇଯାଇଥିବା କୁହାଯାଉଛି।

### ସାମିଲ ହୋଇଥିଲେ ଅସାମାଜିକ ଯୁବକ

କଂଗ୍ରେସ କର୍ମୀଙ୍କ ଆଳରେ କେତେଜଣ ଅସାମାଜିକ ଯୁବକଙ୍କୁ ଏହି ସମାବେଶରେ ସାମିଲ କରାଯାଇଥିବା ଚର୍ଚ୍ଚା ହେଉଛି। ଗୋଟିଏ ଗୋଷ୍ଠୀ ନିଜ ପତିଆରା ଜାହିର କରିବା ଲାଗି ଏପରି ଯୋଜନା କରିଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ ବୋଲି କେତେଜଣ କର୍ମୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

**ପୁରୀ ଅଫିସ, ୧୭।୨**

ପଦାରେ ପଡ଼ିଲା ପୁରୀ ଜିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ। ଜିଲା ଦଳୀୟ କାର୍ଯ୍ୟାଳୟ ଇନ୍ଦିରା ଭବନ ପାଲଟିଲା ରଣକ୍ଷେତ୍ର। ପ୍ରଦେଶ କଂଗ୍ରେସ କମିଟି ନେତାଙ୍କ ଆଗରେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଲା ରକ୍ତାକ୍ତ ସଂଘର୍ଷ। ଏଥିରେ ୩ଜଣ କର୍ମୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯୁବନେତା ଆଲୋକ ଦାଶ, ଛାତ୍ରନେତା ଆଶୁତୋଷ ମିଶ୍ର ଏବଂ ସ୍ୱପ୍ନଜିତ ରାୟ। ଆଶୁତୋଷଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ପୁରୀର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁମ୍ଭାରପଡ଼ା ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଜଣକୁ କାବୁ କରିଛି। ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଉଭୟ ଗୋଷ୍ଠୀ ପରସ୍ପର ଉପରକୁ କାଦୁଅ ଫିଙ୍ଗାଫିଙ୍ଗି କରୁଛନ୍ତି। ଏହି ଆକ୍ରମଣ ପଛରେ କେତେଜଣ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ କୁମ୍ଭାରପଡ଼ା ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଜଣଙ୍କୁ ଘଟଣାସ୍ଥଳରୁ ଧରାଯାଇଛି। ତାଙ୍କଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ପୁରୀ ଜିଲାର ସାଙ୍ଗଠନିକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଲାଗି ସୋମବାର ଇନ୍ଦିରା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବାକୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ପ୍ରମୁଖ ଶ୍ରୀମନ୍ଦିର ଦର୍ଶନ ସାରି ଶୋଭାଯାତ୍ରାରେ ଆସୁଥିଲେ। ସେମାନେ ଇନ୍ଦିରା ଭବନରେ ପ୍ରବେଶ କରିବା ସମୟରେ ହଠାତ୍ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସେମାନେ ଖଣ୍ଡା, କଟୁରି, ଛୁରି, ମାରଣାସ୍ତ୍ର, ଲୁହା ରଡ୍ ଧରି ପରସ୍ପର ଉପରେ ଆକ୍ରମଣ କରିଥିଲେ। କଂଗ୍ରେସର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ କେତେଜଣ ଯୁବକ ଫିଲ୍ମ ଷ୍ଟାଇଲରେ ମାରଣାସ୍ତ୍ର ଧରି ଅନ୍ୟ ଗୋଷ୍ଠୀର ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଇନ୍ଦିରା ଭବନ ପାଲଟିଥିଲା ରଣକ୍ଷେତ୍ର। ପରେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ।

ଏ ସମ୍ପର୍କରେ ଆହତ ହୋଇଥିବା ଆଲୋକ କହିଛନ୍ତି, ଏହା ଏକ ପ୍ରାୟୋଜିତ ଘଟଣା ଥିଲା। ଶୋଭାଯାତ୍ରା ପହଞ୍ଚିବା ପୂର୍ବରୁ କେତେଜଣ ଯୁବକ ମିଶି ଜଣେ ଯୁବକଙ୍କୁ ମାରପିଟ୍ କରୁଥିଲେ। ମୁଁ ତାଙ୍କୁ ଏଥିରୁ ନିବୃତ୍ତ କରୁଥିବାବେଳେ ହଠାତ୍ କେତେଜଣ ଯୁବକ ସଂଘବଦ୍ଧ ଭାବେ ମୋତେ ଆକ୍ରମଣ କରିଥିଲେ। ଏହି ସମୟରେ ଆଶୁତୋଷ ଓ ସ୍ୱପ୍ନଜିତ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। କେତେଜଣ କଂଗ୍ରେସ କର୍ମୀଙ୍କ ହାତ ଥିବା ସମ୍ପର୍କରେ ସେ କିନ୍ତୁ କିଛି କହି ନ ଥିଲେ। ଏ ସମ୍ପର୍କରେ ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର କହିଛନ୍ତି, ଏହି ଘଟଣାକୁ ଜିଲା କଂଗ୍ରେସ ଦୃଢ ନିନ୍ଦା କରୁଛି। ଏ ନେଇ ମଙ୍ଗଳବାର ଏସ୍‌ପିଙ୍କ ସହ ଆଲୋଚନା କରାଯିବ। ଆକ୍ରମଣକାରୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବା ଲାଗି ଦାବି କରାଯିବ।

### ଶୃଙ୍ଖଳା କମିଟି ଗଠନ କରାଯାଇ ତଦନ୍ତ ହେବ: ପିସିସି ସଭାପତି

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା। କେଉଁ କାରଣରୁ ଏହି ଘଟଣା ଘଟିଲା, ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ନୁହଁ। ଏଥିରେ କଂଗ୍ରେସର କୌଣସି ନେତାଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହାର ତଦନ୍ତ କରାଯିବ। ଏନେଇ ଏକ ଶୃଙ୍ଖଳା କମିଟି ଗଠନ କରାଯିବ। କମିଟି ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଂଗ୍ରେସ ମଧ୍ୟରେ ରହିଥିବା ଗୋଷ୍ଠୀ କନ୍ଦଳକୁ ପିସିସି ସଭାପତି ପଟ୍ଟନାୟକ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଅତୀତର ଭୁଲକୁ ସୁଧାରିବା ଲାଗି ପ୍ରୟାସ ଚାଲିଛି। ଜିଲା ଓ ପ୍ରଦେଶ ସ୍ତରରେ ନେତାଙ୍କ ମନୋଭାବ ପରିବର୍ତ୍ତନ ନ ହେଲେ କଂଗ୍ରେସର ବିକାଶ ଅସମ୍ଭବ।

- ଜିଲା କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ
- ଆକ୍ରମଣରେ ୩ ଗୁରୁତର
- ଜଣେ ଅଟକ, ମାରଣାସ୍ତ୍ର ଜବତ





(ବାମରୁ) ଆହତ ଆଲୋକ ଦାଶ, ଆଶୁତୋଷ ମିଶ୍ର ଓ ସ୍ୱପ୍ନଜିତ ରାୟ।

# ୫-ଟି ସଚିବଙ୍କ ଓୟୁଏଟି ଗସ୍ତ



**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ସୋମବାର ସକାଳୁ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ପହଞ୍ଚିଥିଲେ। ପାଣ୍ଡିଆନ୍‌ଙ୍କ ଅଚାନକ ଗସ୍ତ ସମ୍ପର୍କରେ ଓୟୁଏଟି କର୍ତ୍ତୃପକ୍ଷଙ୍କ ପାଖରେ ପୂର୍ବ ସୂଚନା ନ ଥିବାରୁ ସେ ହଡ଼ବଡ଼େଇ ଯାଇଥିଲେ। କିଛି ସମୟ ପରେ ଅଧିକାରୀମାନେ ସେଠାରେ ପହଞ୍ଚି ଯାଇଥିଲେ। ପାଣ୍ଡିଆନ୍ କୃଷି ମହାବିଦ୍ୟାଳୟ, ବେସିକ୍ ସାଇନ୍ସ କଲେଜ, ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ଲାବରେଟୋରି, ଖେଳପଡ଼ିଆ ସମେତ ଛାତ୍ରୀଛାତ୍ରଙ୍କ ହଷ୍ଟେଲ୍ ବୁଲି ଦେଖିଥିଲେ ଏବଂ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଓୟୁଏଟି ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଏବଂ ଏହାର ବିକାଶ କରିବା ପାଇଁ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସକାଳୁ ସକାଳୁ ପାଣ୍ଡିଆନ୍‌ଙ୍କ ଗସ୍ତ କ୍ୟାମ୍ପସରେ ଚର୍ଚ୍ଚାର ବିଷୟ ହୋଇଥିଲା। ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ଏକ ବଡ଼ ପ୍ୟାକେଜ୍ ଘୋଷଣା କରିବେ ବୋଲି ସେମାନେ ଏବେ ଆଶା କଲେଣି। ହଷ୍ଟେଲ ଭିତ୍ତିଭୂମିକୁ ଅଧିକ ପ୍ରାଥମିକତା ଦେବାକୁ ସେମାନେ ପାଣ୍ଡିଆନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଛାତ୍ରୀଛାତ୍ରଙ୍କ ମହଲରୁ ସୂଚନା ମିଳିଛି। ଗସ୍ତ ସମୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ, ବେସିକ୍ ସାଇନ୍ସ କଲେଜ ନିର୍ଦ୍ଦେଶକ ବିକାଶଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ନୃତ୍ୟକଳାର ବିକାଶ ମୋର ଲକ୍ଷ୍ୟ: ସାଲୁ ଜିନ୍ଦଲ



**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ଭାରତୀୟ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କୁଚିପୁଡ଼ି ନୃତ୍ୟଶିଳ୍ପୀ ତଥା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ସାଲୁ ଜିନ୍ଦଲଙ୍କୁ ସମ୍ମାନଜନକ 'ଉର୍ବଶୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ୮୧ତମ ଜନ୍ମଦିବସ ଉପଲକ୍ଷେ ରବିବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ 'କମଳ ଦେଶର ରାଜକୁମାର'ରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ସ୍ଥପତି ରଘୁନାଥ ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଓ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଉପସ୍ଥିତିରେ ସେ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ସେ ପ୍ରଫୁଲ୍ଲ କର ଫାଉଣ୍ଡେଶନ ଏବଂ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇବା ସହ କଳା ଓ ନୃତ୍ୟ ମୋ ଜୀବନ ବୋଲି ପ୍ରକାଶ କରିଥିଲେ। ଭାରତୀୟ ଶାସ୍ତ୍ରୀୟ ନୃତ୍ୟକଳାର ବିକାଶ ମୋ ଜୀବନର ଲକ୍ଷ୍ୟ ଏବଂ ବଞ୍ଚିଥିବା ପର୍ଯ୍ୟନ୍ତ ଏହାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିବି ବୋଲି ସେ କହିଥିଲେ। ଓଡ଼ିଶାର କଳା, ସଂସ୍କୃତି ଓ ଏଠାକାର ଲୋକଙ୍କ ବିକାଶ ନିମନ୍ତେ ଅଧିକ କାର୍ଯ୍ୟ କରିବା ଲାଗି ଏହି ପୁରସ୍କାର ପ୍ରୋତ୍ସାହିତ କରିବ ବୋଲି ସାଲୁ ଜିନ୍ଦଲ କହିଥିଲେ।

# ଦାବି ପୂରଣ ପାଇଁ ଆନ୍ଦୋଳନ, ଲୋୟର ପିଏମ୍‌ଜି ଚଳଚଞ୍ଚଳ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

୩ମାସ ପରେ ପୁଣି ଚଳଚଞ୍ଚଳ ହୋଇଛି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରୁ ମାଷ୍ଟର କ୍ୟାଣ୍ଟିନ୍ ଛକ। ଗାନ୍ଧୀ ମାର୍ଗରେ ପୋଲିସ ଡେରା ପକାଇ ସ୍ଥିତି ଉପରେ ନଜର ରଖିଛି। ବିଧାନସଭାରେ ବଜେଟ୍ ଅଧିବେଶନ ଜାରି ରହିଥିବାବେଳେ ଦାବି ପୂରଣ ଆଶା ରଖି ବିଭିନ୍ନ ସଂଘ ଓ ସଙ୍ଗଠନ ପକ୍ଷରୁ ଧାରଣା, ବିକ୍ଷୋଭ ଓ ଶୋଭାଯାତ୍ରା ଚାଲିଛି। ସୋମବାର ୫ ସଙ୍ଗଠନର ନାରାବାଜିରେ ଲୋୟର ପିଏମ୍‌ଜି ରାସ୍ତା ଫାଟିପଡୁଥିଲା। ଆଉ କିଛି ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଥିଲା।

### ହାଇସ୍କୁଲରେ କେବେ ନିଯୁକ୍ତ ହେବେ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ

ହାଇସ୍କୁଲରେ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ତାଲିମ୍‌ପ୍ରାପ୍ତ ପିଇଟି, ହିନ୍ଦୀ, ସଂସ୍କୃତ ବେକାରି ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଆନ୍ଦୋଳନରେ ସାମିଲ ଶିକ୍ଷିତ ବେକାର ଯୁବତୀ ଓ ଯୁବକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବାହ୍ନରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ସେମାନେ ବିଶାଳ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ। ରାସ୍ତାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ସେମାନେ ସେଠାରେ ରାଜ୍ୟ ସରକାରଙ୍କ ଶିକ୍ଷା ମାରଣ ନୀତି ବିରୋଧରେ ନାରାବାଜି କରିଥିଲେ।

### ସଅର ବଦଳରେ ଶବର ଲେଖିବା ନିର୍ଦ୍ଦେଶ ପ୍ରତ୍ୟାହାର ଦାବି

ଜମିପଟ୍ଟାରେ ସଅରକୁ କାଟି ଶବର ଲେଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାପାଳମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ଏହାକୁ ପ୍ରତ୍ୟାହାର କରିବା ଓ ପୁନର୍ବାର ସଅର ଲେଖିବା ଦାବିରେ ଓଡ଼ିଶା ପ୍ରଜା ସଂଘର୍ଷ ସମିତି ପକ୍ଷରୁ ଏକ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଗତ ୧୧ବର୍ଷ ଧରି ସଙ୍ଗଠନ ପକ୍ଷରୁ ଏହି ଗୋଟିଏ ଦାବି ହୋଇ ଆସୁଥିଲେ ହେଁ ରାଜ୍ୟ ସରକାର ଏନେଇ କର୍ଣ୍ଣପାତ କରୁନାହାନ୍ତି। ଦାବି ପୂରଣ ନ ହେବା ଯାଏ ସଂଘ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ଆନ୍ଦୋଳନର ନେତୃତ୍ୱ ନେଇଥିବା ଇଂ. ଦେବାଶିଷ ହୋତା କହିଛନ୍ତି।



ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ନିଖିଳ ଓଡ଼ିଶା ଆଇସିଡିଏସ୍ ଜଗୁଆଳ-ପିଅନ ମହସଂଘ।

### ୬ ଦଫା ଦାବି ରଖିଲା ଆଇସିଡିଏସ୍ ପ୍ରକଳ୍ପ ରାତ୍ର ଜଗୁଆଳ-ପିଅନ ମହସଂଘ

୬ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପରେ କାର୍ଯ୍ୟରତ ରାତ୍ର ଜଗୁଆଳ-ପିଅନ ମହସଂଘ। ସଂଘ ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ମାସିକ ଦରମାକୁ ବଜେଟ୍‌ରେ ପୃଥକ ଭାବେ ସ୍ଥାନିତ କରିବା ଓ ସ୍ୱତନ୍ତ୍ର ହେଡ୍‌ର ବ୍ୟବସ୍ଥା କରିବା, ୬ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିୟମିତ କରିବା ଓ ଖାଲି ପଡ଼ିଥିବା ପଦବୀ ପୂରଣ କରିବା, ବାକି ଥିବା ଦୈନିକ ମଜୁରି ପ୍ରଦାନ କରିବା, ଚାକିରିରୁ ଅବ୍ୟାହତି ସମୟରେ ସରକାରୀ ସହାୟତା ପ୍ରଦାନ କିରବା, ନିର୍ଦ୍ଧାରିତ ହାରରେ ସମାନ ମଜୁରି ପ୍ରଦାନ କରିବା ଏବଂ ଏଚ୍‌ଆରଏମ୍‌ରେ ପଞ୍ଜୀକୃତ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଛି ସଂଘ। ଦାବି ନେଇ ପୂର୍ବରୁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ସଂଘର କର୍ମକର୍ତ୍ତା।

### ଆଶାକର୍ମୀଙ୍କ ବିକ୍ଷୋଭ, ୧୨ ଦଫା ଦାବିପତ୍ର ପ୍ରଦାନ

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ୧୨ ଦଫା ଦାବିନେଇ ସୋମବାର ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ଏକ ପ୍ରତିନିଧିଦଳ ରାଜ୍ୟପାଳ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଭେଟି ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସର୍ବନିମ୍ନ ବେତନ ୧୮ ହଜାର, ଇପିଏଫ, ଇଏସ୍‌ଆଇ ଲାଗୁ କରିବା ସହ ପେନ୍‌ସନ ପ୍ରଦାନ, ଦୁର୍ଘଟଣାଜନିତ ମୃତ୍ୟୁରେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଆଦିରେ ଆନ୍ଦୋଳନ ଚାଲିଥିବା ନେଇ ଜଣାଇଛନ୍ତି ସଂଘ ସମ୍ପାଦିକା ପ୍ରତିମା ସାମଲ।

### କାନଧରି, ଆଣ୍ଠେଇ ଦାବି ରଖିଲେ କନିଷ୍ଠ ଶିକ୍ଷକ

କନିଷ୍ଠ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ, ନିଯୁକ୍ତିର ବୟସ ସୀମା ୩୨ରୁ ୪୨କୁ ବୃଦ୍ଧି ଓ ବେଆଇନ ଭାବେ ବିନା ଏନ୍‌ଓସି ଓ ସିଓଆର୍‌ରେ ଚାଲୁଥିବା ସମସ୍ତ ଘରୋଇ ବିଦ୍ୟାଳୟକୁ ବନ୍ଦ କରିବା ଦାବିରେ ଓଡ଼ିଶା କନିଷ୍ଠ ଶିକ୍ଷକ ମହାସଂଘର ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀମାର୍ଗରେ କାନ ଧରି ଆଣ୍ଠେଇ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ୧୨ରୁ ବିକ୍ଷୋଭ ଓ ଧାରଣା ଚାଲିଛି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ଧନଞ୍ଜୟ ଜେନା କହିଛନ୍ତି।

### ୪୮୮ ବର୍ଗ କଲେଜ ସଂଘର ଅହୋରାତ୍ର ଧାରଣା ୨୦ରୁ

୩ ଦଫା ଦାବି ନେଇ ଆସନ୍ତା ୨୦ ତାରିଖରୁ ୪୮୮ ବର୍ଗ କଲେଜ ସଂଘର ଆନ୍ଦୋଳନ ଓ ଅହୋରାତ୍ର ଧାରଣା ଜାରି ରହିବ। ୪୮୮ ବର୍ଗରେ ଖାଲି ପଡ଼ିଥିବା ପଦବୀ ପୂରଣ, ସପ୍ତମ ବେତନ କମିଶନ ଆଧାରରେ ବେତନ ପ୍ରଦାନ ଓ ଚାକିରି ସର୍ତ୍ତାବଳୀ ସହ ଜିପିଏଫ୍, ପ୍ରମୋଶନ, ପେନ୍‌ସନ ଆଦି ପ୍ରଦାନ ଦାବିରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସୋମବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସଂଘ ସଭାପତି ବନମାଳୀ ବାରିକ କହିଛନ୍ତି।



ଓଡ଼ିଶା ପ୍ରଜା ସଂଘର୍ଷ ସମିତି




ତାଲିମ୍‌ପ୍ରାପ୍ତ ପିଇଟି, ହିନ୍ଦୀ, ସଂସ୍କୃତ ବେକାରି ଶିକ୍ଷକ ସଂଘ



ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ। -ପୁରୀ ଗଜପତି ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ନୀଳମାଧବ ବସ୍ତିର ବି-ବ୍ଲକ୍‌ରେ ଉଚ୍ଛେଦ ଆରମ୍ଭ

ଭୁବନେଶ୍ୱର,୧୭।୨(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ସୋମବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳମାଧବ ବସ୍ତିର ବି-ବ୍ଲକରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ସରକାରୀ ଜମି ଉପରେ ନିର୍ମାଣ ହୋଇଥିବା ଘର ଭାଙ୍ଗି ସେଠାରେ ଇନ୍‌ସିଟୁ ହାଉସିଂ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟର ନୂତନ ଘର ନିର୍ମାଣ କରାଯିବା ପାଇଁ ଏହି ଉଚ୍ଛେଦ କରାଯାଇଛି। ମୋଟ ଉପରେ ବସ୍ତିରେ ଥିବା ୧୦୫ ଘର ଉଚ୍ଛେଦ ହେବାକୁ ଥିବାବେଳେ ସୋମବାର ୨୦ ଘର ଉଚ୍ଛେଦ ହୋଇଥିବା ମିଳିତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବାକୁ ଥିବାବେଳେ ବିନା ପୋଲିସ୍ ଫୋର୍ସରେ ବସ୍ତିରେ ଉଚ୍ଛେଦ ହୋଇଥିବା ଜଣାପଡ଼ିଛି। ବିଏମ୍‌ସି, ବିଡିଏ କର୍ତ୍ତୃପକ୍ଷ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା ପରେ ଏହି ଉଚ୍ଛେଦ ପାଇଁ ବସ୍ତିବାସିନ୍ଦା ସହମତି ପ୍ରକାଶ କରିଥିଲେ। ସୋମବାର ନିଜ ଖର୍ଚ୍ଚରେ ଘର ଛାଡି କେୟାର ହସ୍ପିଟାଲ ପାଖକୁ ଯାଇଥିବା ଟିମ୍ ପକ୍ଷରୁ ଜଣାପଡ଼ିଛି। ମିଳିତ ଟିମ୍ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଡିଏ ଦ୍ୱାରା ନୀଳମାଧବ ବସ୍ତିରେ ହାଉସିଂ ଉନ୍ନୟନ ପ୍ରକଳ୍ପକୁ ଭିତ୍ତି କରି ପିପିପି ମୋଡ ବସ୍ତିବାସିନ୍ଦାଙ୍କ ପାଇଁ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି।

### ମୃତକଙ୍କ ପରିବାରକୁ ଭେଟିଲେ କେନ୍ଦ୍ର କଂଗ୍ରେସ ପ୍ରତିନିଧି ଦଳ
#### ବାଙ୍କୀ ଡବଲ୍ ମର୍ଡର ଘଟଣା

ବାଙ୍କୀ, ୧୭।୨ (ସ୍ୱ.ପ୍ର.): ବାଙ୍କୀ ଡବଲ ମର୍ଡର ଘଟଣାରେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇ ନ ଥିବାରୁ ସୋମବାର ବାଙ୍କୀ ଆଇଆଇସି ସମୀର କୁମାର ପଣ୍ଡାଙ୍କୁ ତଦନ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ତଦନ୍ତକାରୀ ଅଧିକାରୀ ଭାବରେ କାର୍ଯ୍ୟ କରିବାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡବଲ୍‌ମର୍ଡର ଘଟଣାରେ ପୂର୍ବରୁ ୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ ଏବେ ୧୨ଜଣ ଅଭିଯୁକ୍ତଙ୍କ ନାମରେ ଏତଲା ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ.୩୯/୨୦) ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିବା ସହ ମୃତକଙ୍କ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାତି ୯ଟାବେଳେ କେନ୍ଦ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ଖଜୁରିପଦା ଗ୍ରାମକୁ ଯାଇ ମୃତ ଖବରଦାତା ଆଦିତ୍ୟ ରଣସିଂହ ଓ ଭଗବାନ ସ୍ୱାଇଁଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ଭାରତୀୟ କଂଗ୍ରେସ ସମ୍ପାଦକ ଜି.ରୁଦ୍ରରାଜୁ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ପଞ୍ଚାନନ କାନୁନଗୋ, ପ୍ରଦେଶ କଂଗ୍ରେସ ସମ୍ପାଦକ ଜ୍ଞାନଦେବ ବେଉରା, ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏଥିରେ ସାମିଲ ହୋଇଥିଲେ। ସେମାନେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଶନିବାର ଅପରାହ୍ନରେ ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ୱେବ ଚ୍ୟାନେଲ ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ନିର୍ମମ ଭାବେ ଧାରୁଆ ମାରଣାଅସ୍ତ୍ର ସାହାଯ୍ୟରେ ହାଣି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ଉଭୟଙ୍କ ଗୋଡ ହାଣି ଦେଇଥିଲେ।

# ବଧୂ ବେଶରେ ବସିଥିଲେ ଝିଅ, ଆସିଲେନି ବର

■ ଯାଜପୁରରେ ଲୁଚିଥିଲେ ବର
■ ମହିଳା ସଂଗଠନ ଉଦ୍ୟମରେ ହେଲା ବିବାହ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ବିବାହ ପାଇଁ ମଣ୍ଡପରେ ରବିବାର ଚାଲିଥିଲା ଜୋରଦାର ପ୍ରସ୍ତୁତି। ବନ୍ଧୁବାନ୍ଧବ ଆସି ଭୋଜି ଖାଇବା ସହ ବଧୂବେଶରେ ଥିବା ଝିଅକୁ ଆଶୀର୍ବାଦ ଦେଇଥିଲେ। ପୁରୋହିତ ବିବାହ ପାଇଁ ସବୁ ଆୟୋଜନ ଶେଷ କରିଦେଇଥିଲେ। କିନ୍ତୁ ବିବାହ ସମୟ ଗଡ଼ିଯାଇଥିଲେ ମଧ ଆସିଲେନି ବର। ଏପରିକି ବରଙ୍କ ମୋବାଇଲ ଫୋନ୍ ମଧ ସୁଇଚ୍ ଅଫ୍ ହୋଇଯାଇଥିଲା। ଶେଷରେ ଅଡୁଆରେ ପଡିଥିଲେ ଝିଅ ଘର ଲୋକେ। ଏଭଳି କଥା ପହଞ୍ଚିଲା ଓଡ଼ିଶା ନାରୀ ସଚେତନ ମଞ୍ଚ ନିକଟରେ। ମଞ୍ଚ ପକ୍ଷରୁ ପୋଲିସ ସହାୟତାରେ ବରଙ୍କୁ ଖୋଜିଯାଇଥିଲା। ବହୁ ଉଦ୍ୟମ ପରେ ବରଙ୍କୁ ଯାଜପୁରରୁ ଖୋଜି ଅଣାଯାଇଥିଲା ଏବଂ ସୋମବାର ଭୋର ୪ଟାରେ ବିବାହ ସମ୍ପନ୍ନ ହୋଇଥିଲା। ଏଭଳି ରୋଚକ ଘଟଣା ଘଟିଛି ବଡଗଡ଼ ଥାନା ଜଗନ୍ନାଥ ମନ୍ଦିର ମଣ୍ଡପରେ।

ମିଳିଥିବା ସୂଚନା ଅନୁଯାୟୀ, ପୋଖରୀପୁଟରେ ରହୁଥିବା ଜଣେ ଯୁବକ ୪ ବର୍ଷ ହେଲା ଝାରପଡ଼ାର ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଯୁବକ ଜଣକ ଯାଜପୁରର ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଉଭୟ ପରସ୍ପର ଭଲପାଇବା ପରେ ଗତ ଜାନୁୟାରୀ ୧୪ରେ କୋର୍ଟ ବିବାହ କରିଥିଲେ। ଏହାପରେ ବୈଦିକ ରୀତିରେ ବିବାହ କରିବା ପାଇଁ ଉଭୟଙ୍କ ପରିବାର ରାଜି ହୋଇଥିଲେ। ଏଥିପାଇଁ ସ୍ଥାନ ଓ ତାରିଖ ସ୍ଥିର ହୋଇଥିଲା। ତଦନୁଯାୟୀ ଝିଅ ଘର ପକ୍ଷରୁ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲା। କିନ୍ତୁ ଝିଅ ନିଜ ଜାତିର ହୋଇ ନ ଥିବାରୁ ଶେଷ ମୁହୂର୍ତ୍ତରେ ପୁଅର ପରିବାର ଲୋକେ ବିବାହ ପାଇଁ ମନା କରିଥିଲେ। ଫଳରେ ଯୁବକ ଜଣକ ନିଜ ମୋବାଇଲ୍ ଫୋନ ବନ୍ଦ କରି ଯାଜପୁରରେ ଯାଇ ଲୁଚିଥିଲେ। ଝିଅ ଘର ଲୋକେ ନିରାଶ ହୋଇ ଓଡ଼ିଶା ନାରୀ ସଚେତନ ମଞ୍ଚର ସଭାପତି ଡଲି ରଥଙ୍କୁ ଭେଟି ଆଲୋଚନା କରିଥିଲେ। ଏହାପରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରଯାଇଥିଲା। ଥାନା ଅଧିକାରୀ ଯୁବକଙ୍କ ଫୋନ୍ ଲୋକେସନ୍ ଟ୍ରେସ୍ କରିବା ପରେ ମହିଳା ନେତ୍ରୀ ରଥ ଓ ମଞ୍ଚର ଅନ୍ୟ ସଦସ୍ୟାମାନେ ରାତିରେ ଯାଜପୁର ଯାଇ ଯୁବକଙ୍କୁ ଧରି ଭୁବନେଶ୍ୱର ଫେରିଥିଲେ। ଭୋର ୪ଟାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଲୋକଲଜ୍ଜାରୁ ବଞ୍ଚିଯାଇଥିବାରୁ ଝିଅ ଘର ଲୋକେ ଓଡ଼ିଶା ନାରୀ ସଚେତନ ମଞ୍ଚକୁ ଧନ୍ୟବାଦ ଦେଇଛନ୍ତି।

# ଖୋର୍ଦ୍ଧାରୁ ପୁଣି ଜଣେ ବ୍ରାଉନସୁଗାର ବେପାରୀ ଗିରଫ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ରାଜଧାନୀ ସମେତ ରାଜ୍ୟରେ କାୟା ମେଲିଛି ବ୍ରାଉନସୁଗାର ର୍‌ୟାକେଟ। ଏହି ବେଆଇନ କାରବାର ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଉଦ୍ୟମ ଜାରି ରଖିଛି। ସୋମବାର ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଟାଉନ୍‌ରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀସାହିର ରାଜକିଶୋର ସୁନ୍ଦରାୟ ଓରଫ ଗୁଟୁ। ତାଙ୍କ ନିକଟରୁ ୧୨.୩୩ ଗ୍ରାମ୍‌ର ବ୍ରାଉନସୁଗାର ମିଳିଛି। ଏସ୍‌ଟିଏଫ୍ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିବା ପରେ ଖୋର୍ଦ୍ଧା ଟାଉନ୍‌ଥାନାରେ କେସ୍ ନଂ.୫୦/୨୦ ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ରାଜକିଶୋର ରାଜଧାନୀର ଜଣେ ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ନେଇ ଖୋର୍ଦ୍ଧାରେ ବେପାର କରନ୍ତି। ନିକଟରେ ଉକ୍ତ ହୋଲ୍‌ସେଲର ଜଣକ ଗିରଫ ହେବା ପରେ ରାଜକିଶୋର ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ବେପାର କରୁଥିଲେ। ଏନେଇ ଖବର ପାଇ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଏସ୍‌ଟିଏଫ୍। ରବିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଟାଉନର ଏକ ନିଛାଟିଆ ସ୍ଥାନରେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ପାଇଁ ରାଜକିଶୋର ଅପେକ୍ଷା କରି ବସିଥିବା ବେଳେ ଏସ୍‌ଟିଏଫ୍ ଟିମ୍ ଚଢାଉ କରିଥିଲା।

# ଜୟଦେବ ବାଟିକାରେ ପର୍ଯ୍ୟଟକଙ୍କୁ ମରଣାନ୍ତକ ଆକ୍ରମଣ

■ ସ୍ୱାମୀ ଗୁରୁତର
■ ସ୍ତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ତଦନ୍ତ ଆରମ୍ଭ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବ ବାଟିକା ପରିସରରେ ଟିକେଟ ଟଙ୍କାକୁ କେନ୍ଦ୍ର କରି ପର୍ଯ୍ୟଟକଙ୍କୁ ସୁରକ୍ଷାକର୍ମୀମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ସ୍ୱାମୀଙ୍କୁ ନିସ୍ତୁକ ମାଡ଼ ମାରିବା ସହ ସ୍ତ୍ରୀଙ୍କୁ ଅସଦାଚାରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ସୁରକ୍ଷାକର୍ମୀଙ୍କ ଗୁଣ୍ଡାଗିରିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଖଣ୍ଡଗିରି ଥାନା ଅନ୍ତର୍ଗତ କଳିଙ୍ଗନଗରରେ ରହୁଥିବା ଏକ ପରିବାର ଜୟଦେବ ବାଟିକାରେ ରବିବାର ଆୟୋଜିତ ଏକ ଭୋଜିରେ ଯୋଗଦେବାକୁ ଯାଇଥିଲେ। ପରିବାରର ମୁଖ୍ୟ ୨୦୫ ଟଙ୍କାର ଟିକେଟ କାଟି କାଉଣ୍ଟରେ ୫୦୦ ଟଙ୍କିଆ ନୋଟ୍ ଦେଇଥିଲେ। କାଉଣ୍ଟରରେ ଥିବା କର୍ମଚାରୀ ଖୁଚୁରା ନ ଥିବା କହି ଅବଶିଷ୍ଟ ୨୯୫ ଟଙ୍କା ଟିକେଟ ପଛରେ ଲେଖି ଫେରିବାବେଳେ ନେଇଯିବାକୁ କହିଥିଲେ। କାର୍ଯ୍ୟକ୍ରମ ସରିବା ପରେ ବ୍ୟକ୍ତିଜଣକ ପରିବାର ସହ କାଉଣ୍ଟର ନିକଟରେ ପହଞ୍ଚି ବାକି ଟଙ୍କା ଦେବାକୁ ଲେଖାଥିବା ଟିକେଟ ଦେଖାଇଥିଲେ। ମାତ୍ର କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ ଟଙ୍କା ଫେରାଇ ନ ଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କର୍ମଚାରୀମାନେ ଗାଳିଗୁଲଜ କରିବା ସହ ସ୍ୱାମୀଙ୍କୁ ଟିକେଟ ଘର ଭିତରକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ଆଣିବାକୁ ଘର ଭିତରକୁ ଯିବାରୁ ସ୍ତ୍ରୀଙ୍କୁ ମଧ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରି ଅଟକ ରଖିଥିଲେ। ୧୦୦କୁ ଫୋନ୍ କରି ସ୍ତ୍ରୀ ଜଣାଇବା ପରେ ପିସିଆର ଆସିବାରୁ ଉଭୟଙ୍କୁ ଉଦ୍ଧାର କରଥିଲା। ପରେ ଆହତ ସ୍ୱାମୀଙ୍କୁ ପୋଲିସ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପୋଲିସ ଠିକ୍ ତଦନ୍ତ କରି ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆକ୍ରମଣର ଶିକାର ଦମ୍ପତି ନିବେଦନ କରିଛନ୍ତି।

# ୩୫ ବର୍ଷ ପରେ ସ୍ୱମନ୍ଦିର ପ୍ରବେଶ କଲେ ଶ୍ରୀଚନ୍ଦ୍ରଶେଖର

ବାଳକାଟୀ,୧୭।୨(ଡି.ଏନ୍.ଏ.)

ଦୀର୍ଘ ୩୫ବର୍ଷ ଧରି ଚାଲିଥିବା ବିବାଦର ଶେଷରେ ଅନ୍ତ ଘଟିଛି। ବାଳକାଟୀର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ଓ ମା' ପାର୍ବତୀ ସ୍ୱମନ୍ଦିରରେ ସୋମବାର ପ୍ରବେଶ କରିଛନ୍ତି। ଏ ନେଇ ବାଳକାଟୀ ଅଞ୍ଚଳର ଭକ୍ତଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ମନ୍ଦିର ଜାଗାକୁ ନେଇ ଗତ ୩୫ବର୍ଷ ହେବ ବାଦବିବାଦ, ମାଲିମକଦ୍ଦମା ଚାଲିଥିବା ଯୋଗୁ ଶ୍ରୀ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ନୀତିକାନ୍ତି ସ୍ଥାନୀୟ ମା' ଦୁଲ୍ଲାଦେବୀଙ୍କ ମନ୍ଦିରରେ ହେଉଥିଲା। ନୂତନ ମ୍ୟାନେଜିଂ ଟ୍ରଷ୍ଟି ଗଠନ ପରେ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହମତିରେ ପୁରୀର ମୁକ୍ତିମଣ୍ଡପ ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶରେ ଆଜିର ଦିନକୁ ଶୁଭମନାସି ସ୍ୱମନ୍ଦିର ପ୍ରବେଶ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ପୂର୍ବାହ୍ନ ୧୦ଟା ୨୫ମିନିଟରେ ମା' ଦୁଲ୍ଲାଦେବୀଙ୍କ ପୀଠରେ ପୂଜାକାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ହୋମଯଜ୍ଞ ସାରି ୨ଟା ୨୫ରେ ବିମାନ ଯୋଗେ ସ୍ୱମନ୍ଦିରକୁ ଶ୍ରୀ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତପ୍ରେମୀ ବାଜା, ବାଣ ଓ ରୋଶଣିରେ ବିଗ୍ରହଙ୍କୁ ସ୍ୱମନ୍ଦିରକୁ ପାଛୋଟି ଆଣିଥିଲେ। ଅପରାହ୍ନ ୩ଟା ୨୫ରେ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ମହାସ୍ନାନ ପରେ ୪ଟା ୪୭ମିନିଟରେ ସ୍ୱମନ୍ଦିର ପ୍ରବେଶ କରିଥିଲେ। ଏହାପରେ ସର୍ବସାଧାରଣଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟି, ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ସଫଳ ହୋଇଥିବାରୁ ସରପଞ୍ଚ ତଥା ମ୍ୟାନେଜିଂ ଟ୍ରଷ୍ଟି ଭାଗ୍ୟଧର ନନ୍ଦୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣାରେ ୬ ଗିରଫ



■ ଜଣେ ନାବାଳକ ଗଲେ ସୁଧାର ଗୃହ
■ ସୁଧୁରୁଛି ଆକାଶଙ୍କ ସ୍ୱାସ୍ଥ୍ୟାବସ୍ଥା

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଶହୀଦନଗର ଥାନା ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ପି.ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଏହାସହ ଜଣେ ନାବାଳକଙ୍କୁ ପୋଲିସ ଧରି ସୁଧାରଗୃହକୁ ପଠାଇଛି। ଗିରଫ ହୋଇଥିବା ୬ ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରହୁଥିବା ଶୁଭମ୍ ଦାସ(୧୯) ଓରଫ ବାବୁ, ଚକେଇସିଆଣିର ସୌମ୍ୟରଞ୍ଜନ ମହାରଣା(୧୯) ଓରଫ ବାପୁ, ଜଗନ୍ନାଥନଗରର ପିଣ୍ଟୁ ଗୋସ୍ୱାମୀ(୧୯), ନହରକଣ୍ଟାର ବିବେକାନନ୍ଦ ଦତ୍ତ(୧୯) ଓରଫ ବାବୁ, ଜୟଦେବ ବିହାରର ଏସ୍.କେ ଫରାନ କବିର(୧୯) ଓ ପାଣ୍ଡରାର ଆକାଶ ମହାପାତ୍ର(୧୯)। ଘଟଣାକୁ ନେଇ କେସ୍ ନଂ-୮୭/୨୦ ରୁଜୁ ହୋଇଥିବାବେଳେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୩୦୭ ଓ ୩୪ ଲଗାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ଅନ୍ୟପକ୍ଷରେ ଆକ୍ରମଣର ଶିକାର ପି. ଆକାଶ ଦୋରାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରେ ଲାଗିଛି। ସେ ସୁସ୍ଥ ଅନୁଭବ କରିବା ପରେ ସୋମବାର ପୋଲିସ ତାଙ୍କର ବୟାନ ରେକର୍ଡ କରିଛି। ଆକାଶ ମଧ ପୋଲିସକୁ କହିଛନ୍ତି ଯେ, ଦୁଇ ସପ୍ତାହ ତଳେ ଶହୀଦନଗର ଦୁର୍ଗାପୂଜା ମଣ୍ଡପ ନିକଟରେ ସେ ଏବଂ ତାଙ୍କ ସାଙ୍ଗମାନେ ବସିଥିଲେ। ଏହି ସମୟରେ ଆକ୍ରମଣ କରିଥିବା ଗୋଷ୍ଠୀର ଦୁଇ ଜଣ ପିଲା ବାଇକରେ ସେମାନଙ୍କ ନିକଟକୁ ଆସିଥିଲେ। ସେମାନେ କିଛି ନ କହି ବାଇକ୍‌ର ଏକ୍ସିଲିଟର ମୋଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ବିକଟାଳ ଶବ୍ଦ କରିଥିଲେ। ଏହାକୁ ଆକାଶ ଏବଂ ସାଙ୍ଗମାନେ ବିରୋଧ କରିବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଶନିବାର ରାତିରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାଦିନ ଶୁଭମ୍ ଲୋକଙ୍କ ହାତରେ ଧରାପଡ଼ି ନିର୍ଘାତ ମାଡଖାଇଥିଲେ। ପରେ ପୋଲିସ ଆସି ତାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢାଉ ଜୋରଦାର କରାଯାଉଛି।

# ସମ୍ବର୍ଦ୍ଧିତ ହେଲେ ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତ




ଏମ୍‌ପି ଅନୁଭବ ମହାନ୍ତି ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଚଳନ୍ତା ଟ୍ରେନରେ ଚଢ଼ିବାକୁ ଉଦ୍ୟମ କରି ଖସିପଡିଥିବା ରମାଦେବୀ ବିଶ୍ୱବିଦ୍ୟାଳୟର ଆଇଟି ଅଧ୍ୟାପିକା ନିବେଦିତା ସାହୁଙ୍କ ଜୀବନ ବଞ୍ଚାଇଥିଲେ ଆରପିଏଫ୍ କନ୍‌ଷ୍ଟେବଲ ସୁବ୍ରତ କୁମାର ମହାରଣା। ଶନିବାର ରାତିରେ ଘଟିଥିବା ଏହି ଘଟଣାକୁ ନେଇ କନ୍‌ଷ୍ଟେବଲ ସୁବ୍ରତଙ୍କୁ ସବୁଆଡେ ପ୍ରଶଂସା। ସୋମବାର ଏମ୍‌ପି ଅନୁଭବ ମହାନ୍ତି ଆର୍‌ପିଏଫ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଏମ୍‌ପି ମହାନ୍ତି ୧୮୨ ସର୍ବଭାରତୀୟ ହେଲ୍ପ ଲାଇନ ନମ୍ବର ସମ୍ପର୍କିତ ସଚେତନା କାର୍ଯ୍ୟକ୍ରମରେ ଭାଗ ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଟ୍ରେନ୍‌ରେ ଯାତ୍ରା ସମୟରେ କିମ୍ବା ରେଲୱେ ଷ୍ଟେଶନରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ, ଚୋରି ରାହାଜାନୀ ଓ ଅସାମାଜିକ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ୧୮୨ରେ ଖବର ଦିଅନ୍ତୁ। ଏଥିସହ ଟ୍ରେନ କିମ୍ବା ଷ୍ଟେଶନରେ କୌଣସି ମହିଳା ବା ଶିଶୁ ଶୋଷଣର ଶିକାର ହେଉଥିଲେ ତୁରନ୍ତ ଏହି ନମ୍ବରରେ ଜଣାନ୍ତୁ। ପରେ ଭୁବନେଶ୍ୱର ଓ ବାଣୀବିହାର ଷ୍ଟେଶନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ବସ୍ତିରେ ଲୋକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଳ ପରିସର ମୁକ୍ତ ସ୍ଥାନ କିମ୍ବା ରେଳଧାରଣା କଡ଼ରେ ଶୌଚ କରିବା ଏକ ଦଣ୍ଡନୀୟ ଅପରାଧ ହୋଇବାରୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଚଳନ୍ତା ଟ୍ରେନକୁ କୌଣସି ବସ୍ତୁ, ଟେକା ପଥର ଆଦି ନ ଫିଙ୍ଗିବାକୁ କୁହାଯିବା ସହ ଏହା ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଜେଲ୍ ଓ ଜରିମାନା ଦଣ୍ଡ ରହିଥିବା ସୂଚନା ଦିଆଯାଇ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ପିଏଫ ଅଧିକାରୀ କାଳୁ ସେଠୀ, ଏସ୍‌ଆଇ ସବିତା ରଥ, ଏସ୍‌ଆଇ ସୁଦର୍ଶନ ସେଠୀ ଓ କର୍ମଚାରୀମାନେ ସାମିଲଥିଲେ।

# ୟୁସିସିଆଇ ପକ୍ଷରୁ ବଜେଟ ଆଲୋଚନା

ଭୁବନେଶ୍ୱର,୧୭।୨

ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ (ୟୁସିସିଆଇ) ପକ୍ଷରୁ ବଜେଟ ୨୦୨୦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଏଥିରେ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ, ଆସନ୍ତା ବର୍ଷ ଜିଡିପି ୫%ରୁ ଅଧିକ ହେବ ନାହିଁ ବୋଲି ପୂର୍ବାନୁମାନରେ କହିଛନ୍ତି। ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତି ବଜେଟକୁ ସ୍ୱାଗତଯୋଗ୍ୟ କହିବା ସହ କର୍ପୋରେଟ ଟାକ୍ସ, ମାନୁଫାକ୍ଚରର, ପାୱାର ସେକ୍ଟର ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଚାର୍ଟର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆସନ୍ତା ବର୍ଷ ଜିଡିପି ୬ରୁ ୬.୫% ରହିବ ବୋଲି କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡିନ୍ ଡ.ଏସ୍.ଏନ୍.ମିଶ୍ର ଆଶାବାଦୀ ଥିବା କହିଥିଲେ। ୟୁସିସିଆଇ ସଭାପତି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଉପସଭାପତି ଏ.କେ. ସାରଦା, ଶାଶ୍ୱତା ପଟ୍ଟନାୟକ, ଦୀପକ ରାଠୋର, ଯୁଗ୍ମ କୋଷାଧ୍ୟକ୍ଷ ଜ୍ୟୋତିର୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନା ଭବନରେ ସୋମବାର ଦୈନିକ ଖବରକାଗଜ ବିଶ୍ୱବିଜୟୀର ୮ମ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# ଖୋଲିଲା ନୂଆ ଆହାର କେନ୍ଦ୍ର, ଆଶ୍ରୟସ୍ଥଳୀ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଆଉ ଏକ ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ଖୋଲା ହୋଇଛି। ୟୁନିଟ୍-୩ସ୍ଥିତ ଖାରବେଳ ନଗରରେ ଏହି ଆହାର କେନ୍ଦ୍ର ଖୋଲାଯାଇଥିବା ବେଳେ ଏହାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ହେବା ପରେ ବିଧାୟକଦ୍ୱୟ ଆହାର ଖାଇବା ସହ ଖାଇବାକୁ ଆସିଥିବା ଲୋକଙ୍କୁ ଖାଦ୍ୟ ପରଷିଥିବା ଦେଖିବାକୁ ମିଳିଛି।

ସେହିପରି ଆହାର କେନ୍ଦ୍ର ପଛପଟେ ଥିବା ଏହି ସହାରଞ୍ଚଳ ବାସହୀନ ଆଶ୍ରୟସ୍ଥଳୀକୁ ମଧ ବିଧାୟକଦ୍ୱୟ ଉଦ୍‌ଘାଟନ କରିଛନ୍ତି। ଉଭୟ ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ପରିଚାଳିତ ହେବ। ଏହି ଉତ୍ସବରେ ବିଏମ୍‌ସି ଆଡିଶ୍‌ନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ସହରରେ ଏହା ଏକ ସ୍ୱତନ୍ତ୍ର ଆବଶ୍ୟକତା ସ୍ଥାନ ପୂରଣ ହେବ ବୋଲି କହିଥିଲେ। ଏଥିସହ ଏଠାରେ ଆଗକୁ ଏକ ସୋସିଆଲ୍ ଇକ୍ୟୁଟି ସେଣ୍ଟର ମଧ କରାଯିବ ବୋଲି କହିଛନ୍ତି। ତେବେ ଏହି ସେଣ୍ଟରଟି ଆହାର କେନ୍ଦ୍ରର ଉପର ତାଲାରେ ନିର୍ମାଣ ହେଉଥିବାବେଳେ



ନୂତନ ଆହାର କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

■ ଖୁବଶୀଘ୍ର ହେବ ସୋସିଆଲ୍ ଇକ୍ୟୁଟି ସେଣ୍ଟର
■ ଲୋକଙ୍କୁ ଆହାର ପରଷିଲେ ଓ ଖାଇଲେ ବିଧାୟକ
■ ବିଏମ୍‌ସି ଦ୍ୱାରା ପରିଚାଳିତ ହେବ ଆହାର କେନ୍ଦ୍ର, ଆଶ୍ରୟସ୍ଥଳୀ

ସେଣ୍ଟରରେ ନିର୍ମାଣ ଶ୍ରମିକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ)ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେଉଥିବାବେଳେ ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ରହଣି ବ୍ୟବସ୍ଥା ହେବାର ବନ୍ଦୋବସ୍ତ ରହିଛି ବୋଲି ଆଡିଶ୍‌ନାଲ କମିଶନର ମଲ୍ଲିକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ପୂର୍ବରୁ ୧୧ ଆହାର କେନ୍ଦ୍ର ଥିବାବେଳେ ଏଥିରେ ସୋମବାର ଆଉ ଏକ କେନ୍ଦ୍ର ଯୋଡ଼ି ହେବାରୁ ଏହାର ସଂଖ୍ୟା ୧୨ରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ଆଶ୍ରୟସ୍ଥଳୀ ସଂଖ୍ୟା ମଧ ୭ରୁ ବଢ଼ି ୮ରେ ପହଞ୍ଚିଛି। ନୂଆ ଆଶ୍ରୟସ୍ଥଳୀରେ ପ୍ରାୟ ୧୦୦ ଜଣଙ୍କୁ ସେବା ଯୋଗାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ପରିଚାଳନା ଭାର ପତିତା ଉଦ୍ଧାର ସମିତିକୁ ଦିଆଯାଇଛି।

**ଭୁବନେଶ୍ୱରରେ ଥିବା ଆହାରକେନ୍ଦ୍ର ଓ ଆଶ୍ରୟସ୍ଥଳୀର ସବିଶେଷ ତଥ୍ୟ**

**ଆଶ୍ରୟ ସ୍ଥଳୀ: ରହଣି କ୍ଷମତା**
ଚନ୍ଦ୍ରଶେଖରପୁର: ୧୦୦
ଅଶୋକ ନଗର: ୧୦୦
ଭୀମପୁର: ୨୮
ମାଳିସାହି: ୨୮
ଘାଟିକିଆ: ୧୦୦
ବରମୁଣ୍ଡା ବସ୍‌ଷ୍ଟାଣ୍ଡ: ୧୨
ଗଙ୍ଗନଗର: ୧୦୦

**ଆହାର କେନ୍ଦ୍ର: ଭୋଜନ କ୍ଷମତା**
ମ୍ୟୁଜିୟମ୍ ଛକ: ୧ ହଜାର
ମାଷ୍ଟରକ୍ୟାଣ୍ଟିନ: ୧ ହଜାର
କ୍ୟାପିଟାଲ୍ ହସ୍ପିଟାଲ୍: ୧ ହଜାର + ରାତିରେ ୫ ଶହ
ମଞ୍ଚେଶ୍ୱର: ୧ ହଜାର
ଚନ୍ଦ୍ରଶେଖରପୁର: ୫ ଶହ + ରାତିରେ ୨୫୦
ନୟାପଲ୍ଲୀ: ୫ ଶହ + ୩ ଶହ ମର୍ଣ୍ଣିଂଟ୍ରାଏଲ୍
ବରମୁଣ୍ଡା: ୫ ଶହ
ସମ୍ ହସ୍ପିଟାଲ୍ ନିକଟ: ୫ ଶହ + ରାତିରେ ୨୫୦
ଅଶୋକ ନଗର: ୫ ଶହ
ଏମ୍‌ସ: ୭୫୦+ ରାତିରେ ୭୫୦

# ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ସଜେଇ ହେଉଛି ଭୁବନେଶ୍ୱର

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଶା ଆୟୋଜନ କରିବାକୁ ଯାଉଛି 'ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ'ର ପ୍ରଥମ ସଂସ୍କରଣ। ବିଶ୍ୱବିଦ୍ୟାଳୟସ୍ତରରୁ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନଙ୍କୁ ଖୋଜି ବାହାର କରିବା ପାଇଁ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଆୟୋଜିତ ହେବ। ଭୁବନେଶ୍ୱର ଏବଂ କଟକରେ ହେବାକୁ ଥିବା ଏହି ମେଗା ଇଭେଣ୍ଟର ଆୟୋଜନ ପାଇଁ ଓଡ଼ିଶା ସରକାର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ସଜେଇ ହେଉଛି ଟୁଇନ୍ ସିଟି। କ୍ରୀଡ଼ା ହବ୍ ଭାବେ ପରିଚିତ ଭୁବନେଶ୍ୱର ସମଗ୍ର ଦେଶର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହେଉଛି। ବିମାନବନ୍ଦରରୁ ଆରମ୍ଭ କରି ଖେଳ ପଡ଼ିଆ ପର୍ଯ୍ୟନ୍ତ ସବୁଠାରେ ଚାଲିଛି ପ୍ରସ୍ତୁତି। ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ଏଥିରେ ଅଂଶଗ୍ରହଣ କରୁଥିବାବେଳେ ପ୍ରତିଯୋଗୀ ଏବଂ ଅଫିସିଆଲ୍‌ମାନଙ୍କ ରହଣି, ଯାତାୟାତ ଏବଂ ଖାଦ୍ୟପେୟର ଆଦିରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

ନିକଟରେ ଗୁଆହାଟୀରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଶେଷ ହୋଇଥିବାବେଳେ ଏବେ ସମସ୍ତଙ୍କ ନଜର ରହିଛି ଓଡ଼ିଶା ଉପରେ। ଦେଶର ୧୫୯ ବିଶ୍ୱବିଦ୍ୟାଳୟର ୩୩୧୯ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ପଞ୍ଜାବ ୟୁନିଭର୍ସିଟି, ଚଣ୍ଡିଗଡ଼ ୟୁନିଭର୍ସିଟି, ଗୁରୁ ନାନକ ଦେବ ୟୁନିଭର୍ସିଟି, ଜାମିଆ ମିଲିଆ ଏବଂ ବୀର ନର୍ମଦା ୟୁନିଭର୍ସିଟି ଭଳି କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏଥିରେ ଯୋଗଦେବେ। କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱାଗତ କରିବା ଲାଗି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆକର୍ଷଣୀୟ ବାଲୁକା କଳା ନିର୍ମାଣ କରାଯାଇଛି। ପ୍ରଥମଥର ପାଇଁ ଜାତୀୟସ୍ତରରେ ଏଭଳି ଏକ ୟୁନିଭର୍ସିଟି ଗେମ୍ସର ଆୟୋଜନ କରାଯାଉଥିବାରୁ ଏହାକୁ ସଫଳ କରିବାକୁ ଆୟୋଜକ ରାଜ୍ୟ ଭାବେ ଓଡ଼ିଶା ସମସ୍ତ ପ୍ରକାର ପ୍ରସ୍ତୁତି କରିଥିବା କ୍ରୀଡ଼ା ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ୧୯ ତାରିଖରୁ କ୍ରୀଡ଼ାବିତ୍‌ମାନେ ଭୁବନେଶ୍ୱର ଆସିବାକୁ ଥିବାବେଳେ ସେମାନଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜଧାନୀର ପ୍ରମୁଖ ହୋଟେଲ ସମେତ କିଟ୍ ବିଶ୍ୱବିଦ୍ୟାଳୟରେ ଏନେଇ ବ୍ୟବସ୍ଥା ହୋଇଛି। କଳିଙ୍ଗ ଷ୍ଟାଡିୟମ୍, କିଟ୍ ବିଶ୍ୱବିଦ୍ୟାଳୟ, କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍ ଆଦି ବିଭିନ୍ନ ସ୍ଥାନରେ ଏହା ଅନୁଷ୍ଠିତ ହେବ। ତେଣୁ ଏହାକୁ ସଲଗ୍ନ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ହୋର୍ଡିଂ ଲଗାଇବାକୁ ସ୍ଥିର ହୋଇଛି। ସେହିଭଳି ଜୟଦେବ ବିହାରଠାରୁ କିଟ୍ ପର୍ଯ୍ୟନ୍ତ ରାସ୍ତାର ଡିଭାଇଡରକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। କ୍ରୀଡ଼ାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ କରାଯାଇ ସମସ୍ତ କାର୍ଯ୍ୟର ତଦାରଖ କରାଯାଉଥିବାବେଳେ ସୋମବାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଆନ୍ଥେମ୍ ମୁକ୍ତିଲାଭ ହୋଇଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଏହି ମେଗା ଇଭେଣ୍ଟ ଆୟୋଜନ ହେଉଥିବାରୁ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଯଥା କିଟ୍, କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଉପରେ ନଜର ରହିବ।




## ବନ୍ଧୁକ ଡିଲରଙ୍କୁ ଧରିବାକୁ ଝାଡ଼ଖଣ୍ଡରେ ଡେରା ପକାଇଛି ଏସ୍‌ଟିଏଫ୍

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଖଣ୍ଡଗିର ଥାନା ଗଣ୍ଡମୁଣ୍ଡାରେ ବନ୍ଧୁକ ବିକ୍ରି ପାଇଁ ଡିଲ୍ ଚାଲିଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଝାଡ଼ଖଣ୍ଡର ବିବିଏ ଛାତ୍ର ସାନୁ ପାଦର ଏବଂ ଖଣ୍ଡଗିରିର ସୁରେଶ ପାଣିଗ୍ରାହୀଙ୍କୁ ଗିରଫ କରିଥିଲା। ଶୁକ୍ରବାରଠାରୁ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛି ଏସ୍‌ଟିଏଫ୍। ସାନୁ ଝାଡ଼ଖଣ୍ଡର ଜଣେ ଡିଲରଙ୍କଠାରୁ ବନ୍ଧୁକ ଆଣି ରାଜଧାନୀରେ ବିକ୍ରି କରୁଥିବା ପଚରାଉଚରାବେଳେ କହିଥିଲେ। ଏପରି କି କୋରାପୁଟରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସେ ବନ୍ଧୁକ ଯୋଗାଉଥିବା ମଧ୍ୟ ଜଣାଇଥିଲେ। ଏହାପରେ ଉଭୟଙ୍କୁ ଧରି ଏସ୍‌ଟିଏଫ୍‌ର ଏକ ୪ ଜଣିଆ ଟିମ୍ ଉଭୟଙ୍କୁ ନେଇ ଝାଡ଼ଖଣ୍ଡ ଯାଇଛି। ବନ୍ଧୁକ ଡିଲରଙ୍କୁ ଧରିବା ପାଇଁ ସେଠାରେ ଡେରା ପକାଇଛି। ଏହାସହ ଝାଡ଼ଖଣ୍ଡକୁ ବନ୍ଧୁକ ଓ ଗୁଳି କେଉଁଠୁ ଆସୁଛି ତାହାକୁ ନେଇ ମଧ୍ୟ ଏସ୍‌ଟିଏଫ୍ ସ୍ଥାନୀୟ ପୋଲିସ ସହାୟତାରେ ଖୋଳତାଡ଼ କରୁଛି। ଏଥିସହ ବନ୍ଧୁକ କାରବାର ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ତାଲିକା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି।

## ମେମୁ ଟ୍ରେନ୍ କେବୁଲରେ ନିଆଁ, ଯାତ୍ରୀ ଭୟଭୀତ

ଜଟଣୀ,୧୭।୨(ଡି.ଏନ୍.ଏ.)

ପଲାସା-ଭୁବନେଶ୍ୱର ମେମୁ ଟ୍ରେନ୍‌ରେ ସୋମବାର ହଠାତ୍ ନିଆଁ ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ରରୁ ସ୍ପ୍ରେ କରାଯିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସୂଚନା ଅନୁଯାୟୀ, ଖୋର୍ଦ୍ଧାରୋଡ଼ ଷ୍ଟେଶନରୁ ଅପରାହ୍ନ ପ୍ରାୟ ୧ଟା ୧୫ରେ ଏହି ଟ୍ରେନ ଛାଡ଼ିଥିଲା। ମାତ୍ର ୧୦୦ମିଟର ଅତିକ୍ରମ କରିବା ପରେ ଦୁର୍ଗାମାର୍କେଟ ନିକଟରେ ଟ୍ରେନ୍‌ର ଦୁଇଟି ବଗିର ସଂଯୋଗ ଥିବା କେବଲ୍‌ରେ ନିଆଁ ଲାଗିଯାଇଥିବା ଯାତ୍ରୀମାନେ ଦେଖିବାକୁ ପାଇଥିଲେ। ଟ୍ରେନ ଡ୍ରାଇଭର ଏହା ଜାଣିପାରି ଟ୍ରେନକୁ ଅଟକାଇଥିଲେ। ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ରରୁ ସ୍ପ୍ରେ କରାଯିବା ପରେ ବାହାରୁଥିବା ନିଆଁ ଓ ଧୂଆଁକୁ ଆୟତ୍ତ କରାଯାଇଥିଲା। ଖବରପାଇ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ମରାମତି କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଟ୍ରେନକୁ ଗନ୍ତବ୍ୟସ୍ଥଳ ପରିବର୍ତ୍ତେ ଖୋର୍ଦ୍ଧାରୋଡ଼ ଷ୍ଟେଶନକୁ ଫେରିଯାଇଥିଲା। ଅନ୍ୟ ଏକ ଟ୍ରେନ୍‌ରେ ଯାତ୍ରୀମାନେ ଯାତ୍ରା କରିଥିଲେ।


ନିଆଁ ଲାଗିଥିବା ସୂଚନା ପରେ ଯାତ୍ରୀମାନେ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଛନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ୍ୟୁ

**ଗୋପ,୧୭।୨(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ପାଟେଲିଆ ଗ୍ରାମରେ ସୋମବାର ଏକ ଘରକାମ ଚାଲୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଅଭିମାନ କାଣ୍ଡି। ସୂଚନା ଅନୁଯାୟୀ, ଗ୍ରାମର ମୁରଲି ଆଳଙ୍କୁଙ୍କ ଘରଛାତ ପଡୁଥିବାବେଳେ ଅଭିମାନ ସିମେଣ୍ଟ ମସଲା ଆଣୁଥିଲେ। ତେବେ ଅସାବଧାନତାବଶତଃ ସେହି ବାଟ ଦେଇଯାଇଥିବା ବିଦ୍ୟୁତ୍ ସର୍ଭିସ୍ ତାର ତାଙ୍କ ହାତରେ ଲାଗିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଲ୍ଲେଖଯୋଗ୍ୟ, ଏକ ବର୍ଷ ପୂର୍ବେ କାର୍ ଦୁର୍ଘଟଣାରେ ଅଭିରାମଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ଶ୍ରମିକ ଜଣଙ୍କ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଏରବଙ୍ଗ ପଞ୍ଚାୟତ ସରପଞ୍ଚ ବିଭୂତି ଭୂଷଣ ସାହୁ ଦାବି କରିଛନ୍ତି।

## ଘନ କୁହୁଡ଼ି ନେଇ ଦୁଇଦିନ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୭।୨(ବ୍ୟୁରୋ): ସାରା ରାଜ୍ୟରେ ଏବେ ଗରମ ଅନୁଭୂତ ହେଲାଣି। ଦିନରେ ପ୍ରବଳ ଖରା ହେଉଛି। ଲାଗୁଛି ଏଥର ଖରାଦିନ ଲୋକଙ୍କୁ ଛଟପଟ କରିବ। ଅପରପକ୍ଷେ ସୋମବାର ପୁଣି କୁହୁଡ଼ି ପରିଲକ୍ଷିତ ହୋଇଛି। ବିଶେଷକରି ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଗଞ୍ଜାମ ଆଦି ଜିଲାରେ ସକାଳୁ ପ୍ରବଳ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥିଲା। ଆସନ୍ତା ୩ ଦିନ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଯିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ, ନୟାଗଡ଼, କନ୍ଧମାଳ ଆଦି ୬ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ବୁଧବାର କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, କୋରାପୁଟ, ନୟାଗଡ଼, ଅନୁଗୋଳ, ଭଦ୍ରକ ଓ ଯାଜପୁର ଆଦି ୮ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅନ୍ୟପଟେ ସୋମବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ କରାଯାଇଛି।

## ଗଡ଼ଜାତ ମହୋତ୍ସବ ମାମଲା: ପୁନର୍ବିଚାର ପାଇଁ ଆଠଗଡ଼ ଉପଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ ଅଫିସ/ଆଠଗଡ଼(ସ୍ୱ.ପ୍ର), ୧୭।୨

ଗଡ଼ଜାତ ମହୋତ୍ସବ-୨୦୨୦ ପାଳନ ପାଇଁ ଆଠଗଡ଼ ଉପଜିଲାପାଳ ଅନୁମତି ପ୍ରଦାନ କରି ନ ଥିଲେ। ଏହାକୁ ଚ୍ୟାଲେଞ୍ଜ କରି ମହୋତ୍ସବର ଆୟୋଜକ ଗଡ଼ଜାତ ପରିକ୍ରମା ଅନୁଷ୍ଠାନ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ର ଉକ୍ତ ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ମହୋତ୍ସବ ଅନୁମତିର ପୁନର୍ବିଚାର କରିବା ପାଇଁ ଆଠଗଡ଼ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗଡ଼ଜାତ ମହୋତ୍ସବ ପାଳନ କରିବା ପାଇଁ ଗଡ଼ଜାତ ପରିକ୍ରମା ପକ୍ଷରୁ ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଆବେଦନ କରାଯାଇଥିଲା। ଏଥିପାଇଁ ସେସୁ, ଅଗ୍ନିଶମ ବିଭାଗ, ଆଠଗଡ଼ ପୋଲିସ, ସ୍ଥାନୀୟ ତହସିଲଦାର, ପୂର୍ତ୍ତ ବିଭାଗ ଆଠଗଡ଼ ଉପଜିଲାପାଳଙ୍କୁ ଅନୁମତିପତ୍ର ପ୍ରଦାନ କରି ସାରିଥିଲେ। ହେଲେ ଆଠଗଡ଼ ଡିଏସ୍‌ପି ଆଇନଶୃଙ୍ଖଳା ଦର୍ଶାଇ ଆଠଗଡ଼ ଉପଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ। ଫଳରେ ଆଠଗଡ଼ ଉପଜିଲାପାଳ ଗଡ଼ଜାତ ପରିକ୍ରମା ଅନୁଷ୍ଠାନକୁ ମହୋତ୍ସବ ନିମନ୍ତେ ହୋଇଥିବା ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ଗଡ଼ଜାତ ପରିକ୍ରମା ଅନୁଷ୍ଠାନର ସମ୍ପାଦକ ଲଲାଟେନ୍ଦୁ ସେନାପତି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଇନଜୀବୀ ଶ୍ରଦ୍ଧା ଦାସଙ୍କ ତରଫରୁ ଏହି କେସ୍‌ଟିର ପରିଚାଳନା କରାଯାଇଥିଲା।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଫେବୃୟାରୀ, ୨୦୨୦



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ସୁନା ଦୋକାନ ସ୍କାଇଲାଇଟ ଭାଙ୍ଗି ଚୋରି

**ନରସିଂହପୁର,୧୭।୨(ଡି.ଏନ୍.ଏ.):** ନରସିଂହପୁର ଥାନା ଅନ୍ତର୍ଗତ ପାଇକପଡାପାଟଣା ଲକ୍ଷ୍ମୀବଜାର ନିକଟ ଏକ ସୁନା ଦୋକାନର ସ୍କାଇଲାଇଟ ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଟଙ୍କା, ସୁନା ଓ ରୂପା ଅଳଙ୍କାର ଚୋରି କରିନେଇଛନ୍ତି। ଏନେଇ ଦୋକାନୀ ସୁଜିତ କୁମାର ପୃଷ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ତାଙ୍କ ଦୋକାନ ବନ୍ଦ ରହିଥିଲା। ସୋମବାର ସେ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜାଣିଲେ। ଦୁର୍ବୃତ୍ତମାନେ ସ୍କାଇଲାଇଟ ବାଟେ ଆସି ୬୦ ଗ୍ରାମ ସୁନା, ୩ କିଲୋ ରୁପା ଓ ନଗଦ ୨୨ ହଜାର ଟଙ୍କା ଲୁଟି ନେଇଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ ୨୪/୨୦)ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଟେଲର ମହାସଂଘର ସମସ୍ୟା ସମ୍ପର୍କିତ ଆଲୋଚନା

**ନରସିଂହପୁର,୧୭।୨(ଡି.ଏନ୍.ଏ.):** ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡାପାଟଣାରେ ଓଡିଶା ଟେଲର ଶ୍ରମିକ ମହାସଂଘର ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ବିଦ୍ୱାଣୀରତ୍ନ ଯୋଗଦେଇ କହିଛନ୍ତି, ଟେଲରମାନଙ୍କୁ ବର୍ଷସାରା କାର୍ଯ୍ୟ ଯୋଗାଇବା, ପରିଚୟପତ୍ର ପ୍ରଦାନ, ମାଗଣା ସିଲାଇ ମେସିନ ବଣ୍ଟନ, ବ୍ଲକସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ସଂଘ ପକ୍ଷରୁ ସ୍ଥିର କରାଯାଇଛି। ଏଥିରେ ନରସିଂହପୁର ଟେଲର ଶ୍ରମିକ ସଂଘର ସମ୍ପାଦକ ଭଗବାନ ମଲ୍ଲିକ ଉପସ୍ଥିତ ରହି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଆଠଗଡ,୧୭।୨(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ମଞ୍ଜରିପଦା ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀ ନାମଯଜ୍ଞ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗୌରଗଦାଧର ନଦୀଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ନାମଯଜ୍ଞରେ ବିଭିନ୍ନ ଅଞ୍ଚଳରୁ ୧୨ ମଣ୍ଡଳ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ କଳସ ସ୍ଥାପନ ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଗୌରଗୋପାଳଙ୍କ ବିମାନ ସ୍ଥାପନ କରାଯାଇଥିଲା। ୩ ଦିନ ଧରି ଆୟୋଜିତ ଏହି ନାମଯଜ୍ଞରେ ଗ୍ରାମବାସୀ ସହଯୋଗ କରିଥିଲେ। ରବିବାର ଅପରାହ୍ନରେ ନଗରକୀର୍ତ୍ତନ କରାଯାଇ ଯଜ୍ଞ ଉଦ୍‌ଯାପିତ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବିଦ୍ୟାଧର ଜେନା, ରମେଶ ବେଉରା ଓ ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମିଶନ୍ ଜିରୋ ଏଫ୍‌ର ସଫଳତା ନେଇ ଆଶଙ୍କା

**ଟିଗିରିଆ, ୧୭।୨(ଡି.ଏନ୍.ଏ.)**

ଆଉ ଦିନକ ପରେ ମାଟ୍ରିକ ପରୀକ୍ଷା। ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରସ୍ତୁତି ଜୋରଦାର ଚାଲିଛି। ଚଳିତ ବର୍ଷ ଟିଗିରିଆ ବ୍ଲକର ୧୪ ହାଇସ୍କୁଲର ୧୦୦୧ ଜଣ ରେଗୁଲାର ଓ ୧୫ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଜିଲାରେ ମାଟ୍ରିକ ପରୀକ୍ଷାରେ

- କମ୍ ମାର୍କ ଥିବାରୁ ୧୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ
- ପାସ୍ ପାଇଁ ୩୩% ଜରୁରୀ

ସଫଳତା ପାଇଁ ମିଶନ୍ ଜିରୋ ଏଫ୍ କାର୍ଯ୍ୟକ୍ରମ ଚାଲିଛି। ଜିଲାରୁ ଯେପରି କୌଣସି ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷାରେ ଫେଲ ନ ହେବେ ସେହି ଉଦ୍ଦେଶ୍ୟରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀଙ୍କ ନିର୍ଦ୍ଦେଶରେ ଏହା କାର୍ଯ୍ୟକାରୀ ହୋଇଛି। ଗତ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଟିଗିରିଆ ବ୍ଲକ ପ୍ରଶାସନ ତରଫରୁ ଉଦ୍ୟମ କରାଯାଇଛି। ତହସିଲଦାର ପରେଶ କୁମାର ନାୟକ ନିଜର ସହକର୍ମୀମାନଙ୍କୁ ଧରି ବିଭିନ୍ନ ହାଇସ୍କୁଲରେ ରିମେଡିଆଲ କ୍ଲାସ ମାଧ୍ୟମରେ ପରୀକ୍ଷାର୍ଥୀମାନଙ୍କୁ ମାଟ୍ରିକ ପରୀକ୍ଷାରେ କିପରି ସଫଳତା ମିଳିବ ସେନେଇ ମନ୍ତ୍ର ଦେଇଛନ୍ତି। ମାତ୍ର ଟେଷ୍ଟ ପରୀକ୍ଷାରେ ବହୁ ପିଲା ଭଲ ମାର୍କ ରଖି ନ ଥିବାରୁ ଏହାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାଟ୍ରିକ ପରୀକ୍ଷାରେ ଶତକଡା ୩୩% ନମ୍ବର ରଖିଲେ ପାସ୍ ହେବାର ନିୟମ ରହିଛି। ଅର୍ଥାତ୍ ପରୀକ୍ଷାରେ ପାସ୍ ହେବା ପାଇଁ ମୋଟ ୬୦୦ ନମ୍ବରରୁ ସର୍ବନିମ୍ନ ୧୯୮ ନମ୍ବର ରଖିବା ଆବଶ୍ୟକ। ଏହାଛଡା ସମସ୍ତ ବିଷୟରେ ସର୍ବନିମ୍ନ ପାଶ୍ ମାର୍କ ରଖିବା ଜରୁରୀ। କିନ୍ତୁ ଗତ ଟେଷ୍ଟ ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ପାସ୍ ମାର୍କ ରଖିବାକୁ ସକ୍ଷମ ହୋଇ ନଥିଲେ। ଏନେଇ ଟେଷ୍ଟ ପରୀକ୍ଷାରେ ମୋଟ ୫୦ ନମ୍ବରରୁ କମ୍ ମାର୍କ ରଖିଥିବା ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ରେଗୁଲାର ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇଛି। ଅପରପକ୍ଷେ କିଛି ବିଦ୍ୟାଳୟରେ ମାତ୍ର ୩୦ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପରୀକ୍ଷା ଦେବା ଲାଗି ସୁଯୋଗ ଦିଆଯାଇଛି। ଟେଷ୍ଟ ପରୀକ୍ଷାରେ ଏତେ କମ ମାର୍କ ରଖିଥିବା ବିଦ୍ୟାର୍ଥୀ ମୁଖ୍ୟ ପରୀକ୍ଷାରେ କିପରି ପାସ୍ କରିବେ ସେନେଇ ସାଧାରଣରେ ଆଲୋଚନା ହେଉଛି।

**ସେମାନଙ୍କ ମତରେ**

"ମିଶନ୍ ଜିରୋ ଏଫର ସଫଳତା ପାଇଁ ଟେଷ୍ଟ ପରୀକ୍ଷାରେ କମ୍ ମାର୍କ ରଖିଥିବା ଆମ ବିଦ୍ୟାପୀଠର ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇଛି। ଏହାସତ୍ତ୍ୱେ ପରୀକ୍ଷା ଦେଉଥିବା ଅନ୍ୟ ସମସ୍ତ ବିଦ୍ୟାର୍ଥୀ ୩୩ ପ୍ରତିଶତ ମାର୍କ ରଖି ପାସ କରିବା ଆଶା କମ୍ ରହିଛି।

**–ରବୀନ୍ଦ୍ରନାଥ ବିଶ୍ୱାଳ, ପ୍ରଧାନଶିକ୍ଷକ, ଦଧିବାମନ ଜୀଉ ବିଦ୍ୟାପୀଠ ପାଞ୍ଚଗାଁ**

"ମିଶନ୍ ଜିରୋ ଏଫ୍ ଏକ ଲମ୍ବା ଯୋଜନା। ଏହାକୁ ବହୁ ପୂର୍ବରୁ ଲାଗୁ କରାଯିବାର ଥିଲା। ଏତେ କମ୍ ସମୟ ମଧ୍ୟରେ ଏହି ଯୋଜନାର ସଫଳତାକୁ ନେଇ ଆଶଙ୍କା ଦେଖାଯାଉଛି।

**–ରବୀନ୍ଦ୍ର କୁମାର ବେହେରା, ପ୍ରଧାନ ଶିକ୍ଷକ, ଜେମାଦେଈପୁର ହାଇସ୍କୁଲ**

"ମିଶନ୍ ଜିରୋ ଏଫର ସଫଳତା ପାଇଁ ପରିଶ୍ରମ କରାଯାଇଛି। ସଫଳତା ମିଳିବ ବୋଲି ଆଶା କରାଯାଉଛି।

**–ଡ. ଦୁର୍ଗାଚରଣ ନାୟକ, ବ୍ଲକ ଶିକ୍ଷା ଅଧିକାରୀ**

## ବାଙ୍କୀ ଡବଲ୍ ମର୍ଡର ଘଟଣା: ବଦଳିଲେ ତଦନ୍ତକାରୀ ଅଧିକାରୀ



କଂଗ୍ରେସ କେନ୍ଦ୍ରୀୟ ପ୍ରତିନିଧି ଦଳ ମୃତକଙ୍କ ପରିବାରକୁ ଭେଟୁଛନ୍ତି।

**ବାଙ୍କୀ, ୧୭।୨ (ସ୍ୱ.ପ୍ର.)**

ବାଙ୍କୀ ଡବଲ ମର୍ଡର ଘଟଣାରେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇ ନ ଥିବାରୁ ସୋମବାର ବାଙ୍କୀ ଆଇଆଇସି ସମୀର କୁମାର ପଣ୍ଡାଙ୍କୁ ତଦନ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ତଦନ୍ତକାରୀ ଅଧିକାରୀ ଭାବରେ କାର୍ଯ୍ୟ କରିବାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡବଲ୍‌ମର୍ଡର ଘଟଣାରେ ପୂର୍ବରୁ ୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ ଏବେ ୧୨ଜଣ ଅଭିଯୁକ୍ତଙ୍କ ନାମରେ ଏତଲା ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ.୩୯/୨୦) ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିବା ସହ ମୃତକଙ୍କ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାତି ୯ଟାବେଳେ କେନ୍ଦ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ଖଜୁରିପଦା ଗ୍ରାମକୁ ଯାଇ ମୃତ ଖବରଦାତା ଆଦିତ୍ୟ ରଣସିଂହ ଓ ଭଗବାନ ସ୍ୱାଇଁଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ଭାରତୀୟ କଂଗ୍ରେସ ସମ୍ପାଦକ ଜି.ରୁଦ୍ରରାଜୁ ଏହି ପ୍ରତିନିଧି

**ମୃତକଙ୍କ ପରିବାରକୁ ଭେଟିଲେ କେନ୍ଦ୍ରୀୟ କଂଗ୍ରେସ ପ୍ରତିନିଧି ଦଳ**

ଦଳର ନେତୃତ୍ୱ ନେଇଥିବାବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ପଞ୍ଚାନନ କାନୁନଗୋ, ପ୍ରଦେଶ କଂଗ୍ରେସ ସମ୍ପାଦକ ଜ୍ଞାନଦେବ ବେଉରା, ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏଥିରେ ସାମିଲ ହୋଇଥିଲେ। ସେମାନେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଶନିବାର ଅପରାହ୍ନରେ ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ୱେବ ଚ୍ୟାନେଲ ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ନିର୍ମମ ଭାବେ ଧାରୁଆ ମାରଣାଅସ୍ତ୍ର ସାହାଯ୍ୟରେ ହାଣି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ଉଭୟଙ୍କ ଗୋଡ ହାଣି ଦେଇଥିଲେ।

# ଏସ୍‌ଏଚ୍‌ଜି ନାମରେ ଲକ୍ଷାଧିକ ଟଙ୍କାର ଋଣ ହଡ଼ପ




ମହିଳାମାନେ ଥାନାରେ ଅଭିଯୋଗ ପତ୍ର ଦେଉଛନ୍ତି।

**ସାଲେପୁର, ୧୭।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ ମୁତାରିଫା ପଞ୍ଚାୟତ ଅନ୍ତର୍ଗତ ତ୍ରିପାଠୀ ସାହି ଗ୍ରାମରେ ୭ ଜଣ ମହିଳାଙ୍କ ନାମରେ ଏକ ନକଲି ଏସ୍‌ଏଚ୍‌ଜି ଗ୍ରୁପ କରି ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ମହିଳାମାନେ ଜାଣିବା ପରେ ସୋମବାର ସାଲେପୁର ଥାନାରେ ଓ ସମ୍ପୃକ୍ତ ଘରୋଇ ବ୍ୟାଙ୍କ ଶାଖା ମ୍ୟାନେଜରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭଯୋଗ ଅନୁଯାୟୀ ଏହି ଗ୍ରାମର ପ୍ରତିମା ବେହେରା, ନିରୂପମା ବେହେରା, ଶୁଭଶ୍ରୀ ବେହେରା, ରେବ ପରିଡା, ସଞ୍ଜୁ ବେହେରା, ପ୍ରମିଳା ଦଳେଇ ଓ ଶ୍ରଦ୍ଧାଞ୍ଜଳି ପରିଡାଙ୍କ ଆଧାରକାର୍ଡର ଜେରକ୍ସ କପିକୁ ଜଣେ ମହିଳା ଚଞ୍ଚକତା କରି ନେଇଯାଇଥିଲେ। ଏହାପରେ ଏକ ଘରୋଇ ବ୍ୟାଙ୍କରେ ୧୭/୧୨/୨୦୧୮ରେ ରାଧାକୃଷ୍ଣ ଏସ୍‌ଏଚ୍‌ଜି ନାମରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଖୋଲାଯାଇ ୨ ଲକ୍ଷ ୧୦ ହଜାର ଟଙ୍କାର ଋଣ ଉଠାଇ ନିଆଯାଇଛି। ଋଣର କିସ୍ତି ଠିକ୍ ସମୟରେ ପୈଠ ନ ହେବାରୁ କିଛି ଦିନ ପୂର୍ବେ ସମ୍ପୃକ୍ତ ବ୍ୟାଙ୍କର ସାଲେପୁର ଶାଖା କର୍ମଚାରୀ ମହିଳାମାନଙ୍କ ଘରେ ପହଞ୍ଚି ଋଣ ଟଙ୍କା ପରିଶୋଧ କରିବାକୁ କହିଥିଲେ। ଏ ସମ୍ପର୍କରେ ମହିଳାମାନେ ଅଭିଯୁକ୍ତଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏନେଇ ମହିଳାମାନେ ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟାଙ୍କର କେତେଜଣ କର୍ମଚାରୀଙ୍କ ହାତ ରହିଛି ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚାଳକ କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ଖବରଦାତାଙ୍କ ହତ୍ୟା ଘଟଣାକୁ ନିନ୍ଦା

**ବାଙ୍କୀ,୧୭।୨(ସ୍ୱ.ପ୍ର.)**

ବାଙ୍କୀ ଡବଲମର୍ଡର ଘଟଣାରେ କାର୍ଯ୍ୟରତ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ବାଙ୍କୀ ପ୍ରେସକ୍ଲବରେ ନିନ୍ଦା କରାଯାଇଛି। ଏନେଇ ବାଙ୍କୀ ଉପଖଣ୍ଡ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଓ ଖବରଦାତାମାନଙ୍କ ଏକ ମିଳିତ ବୈଠକ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ଖବରଦାତା ୟୁନିୟନ୍ ସଭାପତି ପ୍ରଫୁଲ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଅଜୟ କୁମାର ଦାଶ ଅତିଥି ଭାବେ ଯୋଗଦେଇ ବାଙ୍କୀର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ହତ୍ୟା କରାଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ସାହୁ, ଗୌରାଙ୍ଗ ବେହେରା, ସତ୍ୟଜିତ୍ ଦାସ ପ୍ରମୁଖ ଯୋଗଦେଇ ମୃତ ଖବରଦାତାଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଖବରଦାତା ସଂଘ ପକ୍ଷରୁ ଦାବି ହୋଇଥିଲା। ଶେଷରେ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସ ଯୋଜନା ହିତାଧିକାରୀ ଚୟନରେ ତ୍ରୁଟି



ବ୍ଲକ ପ୍ରଶାସନ ନିକଟରେ ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି।

**ଟିଗିରିଆ,୧୭।୨(ଡି.ଏନ୍.ଏ.)**

ଟିଗିରିଆ ଗଦାଧରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ହିତାଧିକାରୀ ଚୟନରେ ତ୍ରୁଟି ହୋଇଥିବା ନେଇ ସୋମବାର ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହୋଇଛି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ବାଦ ପଡିଥିବା ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ନୂତନ ତାଲିକାରେ ଏହି ପଞ୍ଚାୟତରେ କୋଠାବାଡ଼ି ଥିବା ଓ ପୂର୍ବରୁ ଆବାସ ଯୋଜନାରେ ଘର ପାଇଥିବା ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ବିଡ଼ିଓଙ୍କ ଅନୁପସ୍ଥିତରେ ବ୍ଲକ ମୁଖ୍ୟ କିରାଣୀ ଗୋକୁଳାନନ୍ଦ ବେହେରା ଏହି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ସୁରେନ୍ଦ୍ର କୁମାର ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ପିତବାସ ସ୍ୱାଇଁ, ଚନ୍ଦ୍ରମଣୀ ସ୍ୱାଇଁ, ଉଦ୍ଧବ ପ୍ରଧାନ, ମଧୁ ପ୍ରଧାନ, ଯଦୁ ପ୍ରଧାନ ଓ ବିକ୍ରମ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ୧୮୭ ଲିଟର ମଦ ଜବତ, ୪ ଗିରଫ

**ଆଠଗଡ,୧୭।୨(ସ୍ୱ.ପ୍ର.)**

ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ନିକଟ ଜଙ୍ଗଲ ମଧ୍ୟରେ ଆଠଗଡ଼ ଅବକାରୀ, ଟିଗିରିଆ ପୋଲିସ ଓ ବନବିଭାଗ କର୍ମଚାରୀଙ୍କ ପକ୍ଷରୁ ମିଳିତ ଚଢ଼ାଉ କରଯାଇ ସୋମବାର ୧୮୭ ଲିଟର ମଦ ଜବତ କରାଯାଇଛି। ଏଥିସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ଏହି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ଜଙ୍ଗଲରୁ ୧୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ମାତ୍ର ସେତେବେଳେ ମିଳିତ ଟିମ୍ କାହାରିକୁ ଧରିବାକୁ ସକ୍ଷମ ହୋଇ ନ ଥିଲା। ଚଢ଼ାଉ ସାରି ଫେରିବା ବାଟରେ ଭିରୁଡ଼ାର ପବିତ୍ର ନାୟକଙ୍କଠାରୁ ୧୦ ଲିଟର, ଚଗଲା ନାୟକଙ୍କଠାରୁ ୧୪, ଅନ୍ତର୍ଯାମୀ ନାୟକଙ୍କଠାରୁ୧୪ ଓ ହଜାରୀ ଖିଲାରଙ୍କଠାରୁ ୮ ଲିଟର ରନ୍ଧା ଦେଶୀମଦ ଜବତ କରଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏଥିସହ କର୍ମଚାରୀମାନେ ମଦ ପ୍ରସ୍ତୁତ ସ୍ଥାନରୁ ପୋଚ ନଷ୍ଟ କରିଥିଲେ। ଚଢ଼ାଉ ସମୟରେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ଜିଲା ଅବକାରୀ ନିରୀକ୍ଷକ ପ୍ରବୀର ସାମଲ, ବିଜୟ ଭଞ୍ଜ, ସ୍ୱାତୀ ପଟ୍ଟନାୟକ, କେଶବ ଦାସ ଓ ବେଣୁଧର ସାମଲ ପମୁଖ ଉପସ୍ଥିତ ଥିଲେ।

### ଇଶାଣେଶ୍ୱର ମନ୍ଦିରରେ ସଫେଇ

**ମାହାଙ୍ଗା, ୧୭।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପଣସପୁରସ୍ଥିତ ଇଶାଣେଶ୍ୱର ମନ୍ଦିର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ସ୍ଥାନୀୟ ଯୁବକଙ୍କ ଦ୍ୱାରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଆଲୋକ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବୀର ନାୟକ, ପ୍ରଭାସ ପାଢି, ସତ୍ୟାନନ୍ଦ ମଲିକ,ବିବେକାନନ୍ଦ ନାୟକ, ତୁଷାର ଜେନା ଓ ଶରତ ଦାସ ପ୍ରମୁଖ ଯୋଗଦେଇ ଇଶାଣେଶ୍ୱର ମନ୍ଦିର ଭିତର ଓ ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ସଫେଇ କରିଥିଲେ।

## ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି: ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

**ନିଶ୍ଚିନ୍ତକୋଇଲି/ଆଠଗଡ଼, ୧୭।୨(ସ୍ୱ.ପ୍ର.)**

**ବିଦ୍ୟାଳୟରେ ଲାଗିଲା ସିସିଟିଭି**

ମାଟ୍ରିକ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଆଠଗଡ଼ ଶିକ୍ଷାମଣ୍ଡଳ ଅଧୀନରେ ୧୪ ପରୀକ୍ଷା କେନ୍ଦ୍ର ଖୋଲାଯାଇଥିବା ବେଳେ ମୋଟ ୨୨୮୨ ଜଣ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ସହ ୩ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯାଇଛି। ନିଶ୍ଚିନ୍ତକୋଇଲିସ୍ଥିତ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟକୁ ନୋଡାଲସେଣ୍ଟର ଭାବେ ନିଆଯାଇ ସେଠାରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା କଡା ସୁରକ୍ଷା ବଳୟମଧ୍ୟରେ ରଖାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ ସୁରକ୍ଷା ଦାୟିତ୍ୱରେ ୨ଜଣ ସଶସ୍ତ୍ର ପୋଲିସଙ୍କୁ ମୁତୟନ କରାଯାଇଛି। ପ୍ରଶ୍ନପତ୍ରକୁ ପରିକ୍ଷାକେନ୍ଦ୍ରରେ ପହଞ୍ଚାଇବା ନିମନ୍ତେ ୫ ଗାଡି ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ୧୦ ଜଣଙ୍କୁ ନିଯୁକ୍ତ ଦିଆଯାଇଛି। ନୋଡାଲ ସେଣ୍ଟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏସବୁ ବ୍ୟବସ୍ଥା କରାଯାଇଛି। ଆଠଗଡ଼ରେ ବିଶ୍ୱନାଥ ବିଦ୍ୟାପୀଠକୁ ମାଟ୍ରିକ ପରୀକ୍ଷାର ନୋଡ଼ାଲ ସେଣ୍ଟର କରାଯାଇଛି। ଏଠାରୁ ୧୮ କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଇବା ଲାଗି ବ୍ୟବସ୍ଥା ହୋଇଛି। ଆଠଗଡ଼ ବ୍ଲକ ଅଧୀନ ୧୩ ହାଇସ୍କୁଲ ମଧ୍ୟରୁ ୩ କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ଏହି ୧୩ କେନ୍ଦ୍ରରେ ୧୬୪୫ ଜଣ ପରୀକ୍ଷା ଦେଉଥିବା ବେଳେ ବିଶ୍ୱନାଥ ବିଦ୍ୟାପୀଠରେ ୧୪୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପ୍ରଧାନଶିକ୍ଷକ ରୁଦ୍ର ନାରାୟଣ ସାମଲଙ୍କ କହିଛନ୍ତି। ଏତଦ୍‌ବ୍ୟତୀତ ଟିଗିରିଆ ବ୍ଲକର ୫କେନ୍ଦ୍ର, ବାଙ୍କୀ ବ୍ଲକର ୨ କେନ୍ଦ୍ର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗୋଟିଏ କେନ୍ଦ୍ରକୁ ଏଠାରୁ ପ୍ରଶ୍ନପତ୍ର ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା ହୋଇଛି। ବିଶ୍ୱନାଥ ବିଦ୍ୟାପୀଠ ନୋଡ଼ାଲ ସେଣ୍ଟରକୁ ଷ୍ଟ୍ରଙ୍ଗରୁମରେ ପରିଣତ କରାଯାଇଛି ବୋଲି ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ନାୟକ ପ୍ରକାଶ କରିଛନ୍ତି।




ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ନୋଡାଲ ସେଣ୍ଟର ମାଟ୍ରିକ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି।

# 'ସାହିତ୍ୟ ଯେତେ ଉନ୍ନତ ଜାତି ସେତେ ସମୃଦ୍ଧ'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ମାହାଙ୍ଗା, ୧୭।୨(ସ୍ୱ.ପ୍ର.)**

ମାହାଙ୍ଗା କୋଠପଦାସ୍ଥିତ ଗଣକବି ବୈଷ୍ଣବ ପାଣି ସ୍ମୃତି ମଣ୍ଡପରେ ରବିବାର ମାହାଙ୍ଗା ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଯେଉଁ ଜାତିର ସାହିତ୍ୟ ଯେତେ ଉନ୍ନତ ସେ ଜାତି ସେତେ ଅଧିକ ସମୃଦ୍ଧ ବୋଲି କହିଥିଲେ। ଏଣୁ ଆମ ସାହିତ୍ୟକୁ ଅଧିକ ଉନ୍ନତ କରିବା ପାଇଁ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରି ମଣିଷକୁ ଭଲ ପାଇବାକୁ ହେଲେ ସାହିତ୍ୟ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ବାଚସ୍ପତି ଶରତ କୁମାର କର, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମା,କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାହାଙ୍ଗା ଅଞ୍ଚଳର ଭଞ୍ଜସାହିତ୍ୟ ଗବେଷକ ରଜତ କୁମାର କର, ସଂସ୍କୃତି ଭାଷାବିତ୍ ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ସୁସାହିତ୍ୟିକା ସଂଘମିତ୍ରା ମିଶ୍ର ଓ ନାଟ୍ୟକାର ବ୍ରଜ କିଶୋର ମହାନ୍ତିଙ୍କୁ 'ମାହାଙ୍ଗା ସାରସ୍ୱତ'' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାହାଙ୍ଗା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସାହିତ୍ୟ ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୪୩ ଜଣ ବ୍ୟକ୍ତିଙ୍କ ଉପରେ ଏକ ''ସ୍ମରଣିକା''ଅତିଥିମାନେ ଉନ୍ମୋଚନ କରିଥିଲେ। କବି ପ୍ରଶାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳମଣି ମେହେର ସଭା ସଂଯୋଜନା କରିଥିଲେ। ସାହିତ୍ୟ ସଂଗଠକ ଅକ୍ଷୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଫକୀର ଚରଣ ନାୟକଙ୍କ ଦ୍ୱାରା ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶରତ ନାୟକ, ଅଶୋକ ଓଝା, ଶରତ ମହାପାତ୍ର, ହୃଷିକେଶ ସ୍ୱାଇଁ, ପନଙ୍ଗଭୂଷଣ ଦାଶ, ରାଜକିଶୋର ଜେନା, କଳ୍ପନା ଜେନା, ଲକ୍ଷ୍ମୀଧର ବେହେରା,ରଘୁନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ ଓ ସଂଗୀତ ବିଶାରଦ ଶାଶ୍ୱତ ଯୋଶୀ ଏବଂ ସହଯୋଗୀମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଦର୍ଶନ ବିଭାଗର ବାର୍ଷିକ ଆଲୋଚନାଚକ୍ର

**କଟକ ଅଫିସ, ୧୭।୨:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗର ବାର୍ଷିକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ସ୍ମାର୍ଟ୍ କ୍ଲାସ୍‌ରୁମ୍‌ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନନ୍ଦିନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ବିଭାଗୀୟ ମୁଖ୍ୟ ଆନାସ୍ଟେସିଆ ସମାରିଆ ଅତିଥି ପରିଚୟ ପ୍ରଦାନ, ଅଧାପିକା ଡ. ନର୍ମଦା କୁମାରୀ ପରିଡ଼ା ଭିତ୍ତି ପ୍ରବନ୍ଧ ଉପସ୍ଥାପନା ଓ ଅଧାପିକା ଡ. ମଧୁଲିତା ସାହୁ ଏବଂ ପ୍ରିୟଙ୍କା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦର୍ଶନ ବିଭାଗର ଛାତ୍ରୀମାନେ ସ୍ୱଲିଖିତ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧାପକ ପ୍ରତାପ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପ୍ରଶାସକ ହେଲେ ବିଜୟ

**କଟକ ଅଫିସ,୧୭।୨:** ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିମିଟେଡ୍ କଟକ ଶାଖାର ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅତିରିକ୍ତ ଜିଲାପାଳ(ଏଡିଏମ୍) ବିଜୟ କୁମାର ଖଣ୍ଡାୟତରାୟ। ବ୍ୟାଙ୍କ ଡିପୋଜିଟ୍ ବୃଦ୍ଧି ଓ ଲାଭାଂଶ ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି ଖଣ୍ଡାୟତରାୟ ଏହି ଅବସରରେ କହିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟାରୀ ଜନ ବାଗେଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର

କଟକ ଅଫିସ, ୧୭।୨- ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ଅଫିସର ଡ. ଆଶିଷ କୁମାର ସାହୁ, ପ୍ରକାଶ ଜେନା, ଅବିନାଶ ଦାଶ, ପ୍ରଶାନ୍ତ ବାରିକ, ଦୀପକ ଚୌଧୁରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଉପସ୍ଥିତ ଥିଲେ।

### ବ୍ରାଉନସୁଗାର ବେପାରୀ ଗିରଫ

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ରାଜଧାନୀ ସମେତ ରାଜ୍ୟରେ କାୟା ମେଲିଛି ବ୍ରାଉନସୁଗାର ର୍ୟାକେଟ। ସୋମବାର ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଟାଉନ୍‌ରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀସାହିର ରାଜକିଶୋର ସୁନ୍ଦରାୟ ଓରଫ ଗୁଟୁ। ତାଙ୍କ ନିକଟରୁ ୧୨.୩୩ ଗ୍ରାମ୍‌ର ବ୍ରାଉନସୁଗାର ମିଳିଛି। ଏସ୍‌ଟିଏଫ୍ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିବା ପରେ ଖୋର୍ଦ୍ଧା ଟାଉନ୍‌ଥାନାରେ କେସ୍ ନଂ.୫୦/୨୦ ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ରାସ୍ତା ଉପରକୁ ଢଳିଛି ବିଦ୍ୟୁତ୍ ଖୁଣ୍ଟ

ଚୌଦ୍ୱାର,୧୭।୨(ଡି.ଏନ୍.ଏ.)



ରାସ୍ତା ଉପରକୁ ଢଳି ରହିଥିବା ବିଦ୍ୟୁତ୍ ଖୁଣ୍ଟ।

**ବିପଦକୁ ବେଖାତିର**
- ବିଦ୍ୟୁତ୍ ବିଭାଗର ଅବହେଳା
- ଫନୀ ପରଠୁ ହୋଇନି ମରାମତି
- ସନ୍ଧ୍ୟା ପରେ ଅନ୍ଧାର ରହୁଛି ରାସ୍ତା

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁର ପଞ୍ଚାୟତର ଶଙ୍କରପୁର ଗଡାଠାରୁ ପଦାଗାଁ ରାସ୍ତାରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଢଳି ରହିଛି। ସାମୁଦ୍ରିକ ଝଡ 'ଫନୀ' ପରଠାରୁ ଏହି ଖୁଣ୍ଟ ଏଭଳି ଭାବେ ଢଳି ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏଥିପ୍ରତି ପଦକ୍ଷେପ ନେଇନାହିଁ। କେଉଁ ସମୟରେ ଦୁର୍ଘଟଣା ଘଟିବ ତାହା କହି ହେବନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ସହ ବିଦ୍ୟୁତ୍ ବିଭାଗର ଅବହେଳାକୁ ଏଥିପାଇଁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଗଞ୍ଜାମ ଜିଲାର ମେଣ୍ଟରାଜପୁର ନିକଟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଭାବିବା ବେଳକୁ ମନକୁ ଆନ୍ଦୋଳିତ କରୁଛି ବୋଲି ଶଙ୍କରପୁର ପଞ୍ଚାୟତବାସୀ କହିଛନ୍ତି। ସେହିପରି ଶଙ୍କରପୁର ପଞ୍ଚାୟତରେ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଆଉ କେତେକ ଖୁଣ୍ଟରେ ମଧ୍ୟ ଏବେ ବି ଅସ୍ଥାୟୀ ଭାବେ ବିଦ୍ୟୁତ୍ ସରବରାହ ଜାରି ରହିଛି। ପ୍ରତିଦିନ ଉକ୍ତ ରାସ୍ତାରେ ଭାରିଯାନ ସହ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଏପରି କି ନିକଟରେ ଥିବା ବ୍ୟବସାୟ ପ୍ରତିଷ୍ଠାନକୁ ମଧ୍ୟ ଲୋକେ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ସନ୍ଧ୍ୟା ପରଠାରୁ ଅନ୍ଧକାର ରହୁଛି। ଯଦି ଅସାବଧାନତା ବଶତଃ କୌଣସି ଭାରୀଯାନ ଉକ୍ତ ଖୁଣ୍ଟକୁ ଧକ୍କା ଦିଏ ତା' ହେଲେ ଜୀବନହାନି ହେବାର ଆଶଙ୍କା ରହିଛି। ତୁରନ୍ତ ଏହି ବିଦ୍ୟୁତ୍ ଖୁଣ୍ଟକୁ ମରାମତି କରାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଦାୟିତ୍ୱରେ ଥିବା ସେସୁ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର କୁହନ୍ତି, ଉକ୍ତ ସ୍ଥାନରେ ଖୁଣ୍ଟ ପୋତିବା ପାଇଁ ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଥିଲା। ଫନୀ ପ୍ରଭାବରେ ବଙ୍କା ହୋଇଯାଇଥିବା ଉକ୍ତ ଖୁଣ୍ଟକୁ କାଢି ନୂତନ ଖୁଣ୍ଟ ଲଗାଇବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ଆମ ଅଫିସରୁ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ।




ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଉଛି।

# ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ

କଟକ ଅଫିସ,୧୭।୨

ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୋମବାର ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ୩୭ଜଣ ଦୃଷ୍ଟିବାଧିତ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅନୁମୋଦନକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ବାଙ୍କୀ, ନିଆଳି, ସାଲେପୁର ଓ କଟକ ସଦର ବ୍ଲକ ଅନ୍ତର୍ଗତ ୯ ଜଣ ଭିନ୍ନକ୍ଷମ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ଲେଖାଏ ବିବାହ ପ୍ରୋତ୍ସାହନ ଭତ୍ତା ପ୍ରଦାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ।



ଆସୁଛି ମହାଶିବରାତ୍ରି: କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଶିଳ୍ପୀ ସୁରେନ୍ଦ୍ର ବେହେରା ୪ଫୁଟ ଲମ୍ବ ଓ ୨ ଫୁଟ ଉଚ୍ଚତାର ମାଟିଦୀପ ପ୍ରସ୍ତୁତ କରୁଛନ୍ତି।

# ଚୋରା ମଦ ବିକି ୩ ଗିରଫ

ଖୁଣ୍ଟୁଣୀ,୧୭।୨(ଡି.ଏନ୍.ଏ.)

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁସପଙ୍ଗୀ ଗ୍ରାମରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ୩ଜଣଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଫଗୁ ପ୍ରଧାନ, ତାଙ୍କ ସ୍ତ୍ରୀ କଳ୍ପନା ପ୍ରଧାନ ଓ ଅଶୋକ ପ୍ରଧାନ। ଏ ନେଇ ପୋଲିସ ନଂ.୨୦/୨୦, ନଂ.୨୧/୨୦ରେ ଏକ ମାମଲା ରୁଜୁ କରିବା ସହ ସେମାନଙ୍କଠାରୁ ୩୦ଲିଟର ଦେଶୀ ମଦ ଜବତ କରିଛି। ଗତ କିଛିଦିନ ହେବ କୁସପଙ୍ଗୀ ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିବା ଗ୍ରାମର ଏକ ମହିଳା ସଂଘ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ରବିବାର ଓ ସୋମବାର ଅଭିଯୁକ୍ତମାନେ ମଦ ବିକ୍ରି କରୁଥିବାବେଳେ ଚଢ଼ାଉ କରି ଧରିଥିବା ଏଏସଆଇ ସୁଧାକର ମହାନ୍ତି କହିଛନ୍ତି। ଅନ୍ୟପଟେ ମଦ ବିରୋଧୀ ମହିଳା ସଂଘର ଜଣେ ସଦସ୍ୟଙ୍କୁ ଧମକଚମକ ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୁସପଙ୍ଗୀ ଗ୍ରାମର କାଳିଆ ଓରଫ ସତ୍ୟନାରାୟଣ ଲାଙ୍ଗୁଡ଼ି। ଏ ନେଇ ପୋଲିସ ନଂ. ୧୯/୨୦ରେ ଏକ ମାମଲା ରୁଜୁ କରିଛି।

# ଅଜୟଙ୍କୁ 'ଜଗଦୀଶ କଥା ସମ୍ମାନ'



କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ ଓ ଗାଳ୍ପିକ ରାଜେନ୍ଦ୍ର ରାଉଳଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଜଗଦୀଶ ମହାନ୍ତି ଟ୍ରଷ୍ଟ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ 'ଜଗଦୀଶ ଜୟନ୍ତୀ' ପାଳିତ ହୋଇଯାଇଛି। କଥାକାର ଡ. ସରୋଜିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ବିଶିଷ୍ଟ ଲେଖକ ତଥା ଅନୁବାଦକ ଅସୀତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ସରୋଜ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁଙ୍କୁ ଚଳିତବର୍ଷର ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଯୁବ ଲେଖକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଗାଳ୍ପିକ ରାଜେନ୍ଦ୍ର କୁମାର ରାଉଳଙ୍କୁ 'ଜଗଦୀଶ ଯୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ଜଗଦୀଶ ମହାନ୍ତିଙ୍କ ଏକ ବହୁ ଚର୍ଚ୍ଚିତ ଗଳ୍ପ 'ନିର୍ବାସନରେ ଗୋଟେ କବି'ର ନାଟକୀୟ ଉପସ୍ଥାପନା କରିଥିଲେ ଅନ୍ତର୍ଯ୍ୟାମୀ ମିଶ୍ର, ବେଦପ୍ରକାଶ ନାୟକ ଏବଂ ଲୋପାମୁଦ୍ରା ବାରିକ। କାର୍ଯ୍ୟକ୍ରମରେ ବହୁ ଲେଖକ, ପ୍ରକାଶକ, ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ବାଙ୍କୀ ଡବଲ୍ ମର୍ଡର ଘଟଣା: ବଦଳିଲେ ତଦନ୍ତକାରୀ ଅଧିକାରୀ

ବାଙ୍କୀ, ୧୭।୨ (ସ୍ୱ.ପ୍ର.)

**ମୃତକଙ୍କ ପରିବାକୁ ଭେଟିଲେ କେନ୍ଦ୍ର କଂଗ୍ରେସ ପ୍ରତିନିଧି ଦଳ**

ବାଙ୍କୀ ଡବଲ ମର୍ଡର ଘଟଣାରେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇ ନ ଥିବାରୁ ସୋମବାର ବାଙ୍କୀ ଆଇଆଇସି ସମୀର କୁମାର ପଣ୍ଡାଙ୍କୁ ତଦନ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ତଦନ୍ତକାରୀ ଅଧିକାରୀ ଭାବରେ କାର୍ଯ୍ୟ କରିବାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡବଲ୍‌ମର୍ଡର ଘଟଣାରେ ପୂର୍ବରୁ ୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ ଏବେ ୧୨ଜଣ ଅଭିଯୁକ୍ତଙ୍କ ନାମରେ ଏତଲା ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ.୩୯/୨୦) ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିବା ସହ ମୃତକଙ୍କ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାତି ୯ଟାବେଳେ କେନ୍ଦ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ଖଜୁରିପଦା ଗ୍ରାମକୁ ଯାଇ ମୃତ ଖବରଦାତା ଆଦିତ୍ୟ ରଣସିଂହ ଓ ଭଗବାନ ସ୍ୱାଇଁଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ଭାରତୀୟ କଂଗ୍ରେସ ସମ୍ପାଦକ ଜି.ରୁଦ୍ରରାଜୁ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ପଞ୍ଚାନନ କାନୁନଗୋ, ପ୍ରଦେଶ କଂଗ୍ରେସ ସମ୍ପାଦକ ଜ୍ଞାନଦେବ ବେଉରା, ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏଥିରେ ସାମିଲ ହୋଇଥିଲେ। ସେମାନେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଶନିବାର ଅପରାହ୍ଣରେ ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ୱେବ ଚ୍ୟାନେଲ ଖବରଦାତା ଆଦିତ୍ୟ କୁମାର ରଣସିଂହକୁ ନିର୍ମମ ଭାବେ ଧାରୁଆ ମାରଣାଅସ୍ତ୍ର ସାହାଯ୍ୟରେ ହାଣି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ଉଭୟଙ୍କ ଗୋଡ ହାଣି ଦେଇଥିଲେ।




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଏଜୁକେସନ ପିଜି ଡିପାର୍ଟମେଣ୍ଟ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

# 'ଛାତ୍ରୀଛାତ୍ର ସମୟାନୁବର୍ତ୍ତିତା ହେବା ଜରୁରୀ'

କଟକ ଅଫିସ, ୧୭।୨

ଗତିରାଉତପାଟଣାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଭାଇନ ଲାଇଫ ସୋସାଇଟିର ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ସମୟାନୁବର୍ତ୍ତିତା ହେବା ଜରୁରୀ। ଲକ୍ଷ୍ୟ ସାଧନ ପାଇଁ କଠିନ ପରିଶ୍ରମ କରିବା ସହ ସମାଜ ଓ ରାଷ୍ଟ୍ର ଗଠନରେ ନିଜର ଭୂମିକା ପ୍ରତି ପ୍ରୟାସଶୀଳ ହେବା ଉଚିତ। ଏଥିରେ ମୁଖ୍ୟବକ୍ତା ଭାବେ ଖବରଦାତା ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସୌଦାମିନୀ ନନ୍ଦ ଓ ସୁବାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଡ. ସୌଭାଗ୍ୟ ରଞ୍ଜନ ପରିଡ଼ା ଯୋଗଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ଅମିତା ପଣ୍ଡା ଓ ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅଂଶୁମାନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ହରିହର ସେଠୀ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପ୍ରିନ୍ସପାଲ ଅମ୍ବିକା ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଚେୟାରମ୍ୟାନ ସୋମକାନ୍ତ ସେଠୀ, ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟ, କବିତା ମହାନ୍ତି, ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା ଓ ଭରତ ମହାନ୍ତି ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ସସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କହ୍ନେଇଙ୍କ ଗୋଡ଼ରେ ସଫଳ ଅସ୍ତ୍ରୋପଚାର

କଣ୍ଟାପଡ଼ା,୧୭।୨(ଡି.ଏନ୍.ଏ.)



ମେଡିକାଲ ବେଡ୍‌ରେ କହ୍ନେଇ ପ୍ରଧାନ।

- ଥଇଥାନ ପ୍ରତିଶ୍ରୁତି ଦେଲା ପ୍ରଶାସନ
- କହ୍ନେଇଙ୍କ ମାଆଙ୍କୁ ୧୦,୦୦୦ ଟଙ୍କାର ଚେକ୍ ପ୍ରଦାନ
- ଆଶୁ ଆରୋଗ୍ୟ କାମନା କରି ଦୀପଦାନ ପ୍ରାର୍ଥନା

ନ୍ୟୁରୋ ଫାଇବ୍ରୋମେଟାସିସ୍ ରୋଗରେ ଆକ୍ରାନ୍ତ କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ଗ୍ରାମର କହ୍ନେଇ ପ୍ରଧାନ(୧୬)ଙ୍କର ଡାହାଣ ଗୋଡରେ ସୋମବାର ଓଲଟପୁର ସ୍ଥିତ ଏସ୍‌ଭି ନିର୍‌ତାରରେ ସଫଳତାର ସହ ଅସ୍ତ୍ରୋପଚାର ଶେଷ ହୋଇଛି। ନିର୍‌ତାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପ୍ରାୟ ୪ ଘଣ୍ଟା କାଳ ଅସ୍ତ୍ରୋପଚାର କରି କହ୍ନେଇଙ୍କ ଶରୀରରୁ ଗୋଡକୁ ଅଲଗା କରିଥିଲେ। କହ୍ନେଇ ଏଣିକି ବିପଦମୁକ୍ତ ବୋଲି ନିର୍‌ତାର ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍‌ତାର ନିର୍ଦ୍ଦେଶକ ଡା. ଦାସଙ୍କ ସହ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକସର୍ଜରୀ ବିଭାଗର ମୁଖ୍ୟ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଡା. କିଶୋର ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ ସୋମବାର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କହ୍ନେଇଙ୍କ ମାଆ ଝୁଙ୍କୁନି ପ୍ରଧାନଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କ ପରିବାରକୁ ସ୍ଥାୟୀ ଜମିପଟ୍ଟା ଓ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି କଣ୍ଟାପଡା ବିଡିଓ କେ. ଅଶୋକ କୁମାର ଓ ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ କହିଛନ୍ତି। ନିର୍‌ତାରରୁ ଡିସ୍‌ଚାର୍ଜ କରାଯିବା ପରେ ନିଜସ୍ୱ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ କହ୍ନେଇଙ୍କୁ ସରକାରୀ ବାସଗୃହରେ ରଖାଯିବା ବ୍ୟବସ୍ଥା କରାଯିବ ବୋଲି କଣ୍ଟାପଡା ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ ସୂଚନା ଦେଇଛନ୍ତି।

ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସୋମବାର ପୂର୍ବାହ୍ନ ୯ଟାରେ କହ୍ନେଇଙ୍କୁ ନିର୍‌ତାର ଅପରେଶନ ଗୃହକୁ ନିଆଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ନିର୍‌ତାର ଓ ଏସ୍‌ସିବି ମେଡିକାଲର ୧୭ଜଣ କର୍ମଚାରୀ ନିଯୁକ୍ତ ହୋଇଥିବା ଜଣାପଡିଛି। ନିର୍‌ତାରର ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶାସନିକ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଚିନ୍ମୟ ପାତ୍ରଙ୍କ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। କହ୍ନେଇଙ୍କ ଆଶୁ ଆରୋଗ୍ୟ କାମନା କରି କଣ୍ଟାପଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ଏହି ଅଞ୍ଚଳରେ ଥିବା ୧୫୬ଟି ଅଙ୍ଗନୱାଡି କେନ୍ଦ୍ରରେ ଦୀପଦାନ ଓ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିବା ପ୍ରକଳ୍ପ ଅଧିକାରୀ ମିନର୍ଭା ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, କହ୍ନେଇଙ୍କ ଡାହାଣ ଗୋଡର ଓଜନ ୪୫ କେଜି ହୋଇଯାଇଥିଲା। ଫଳରେ ଅସ୍ତ୍ରୋପଚାର ପାଇଁ କହ୍ନେଇଙ୍କ ମାଆଙ୍କ ପକ୍ଷରେ ଅର୍ଥ ଯୋଗାଡ କରିବା କଷ୍ଟକର ହୋଇପଡିଥିଲା। କାରଣ ସେ ଭୂମିହୀନ ହୋଇଥିବାବେଳେ ଦିନମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଚିନ୍ମୟ ନାହାଳପୁର ଗ୍ରାମରେ ପହଞ୍ଚି କହ୍ନେଇଙ୍କୁ ଭେଟିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ଏସ୍‌ଭି ନିର୍‌ତାରରେ ଗତ ମଙ୍ଗଳବାର ଭର୍ତ୍ତି କରିଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣାରେ ୬ ଗିରଫ

ଭୁବନେଶ୍ୱର,୧୭।୨(ବ୍ୟୁରୋ) ଶହୀଦନଗର ଥାନା ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ପି.ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଏହାସହ ଜଣେ ନାବାଳକଙ୍କୁ ପୋଲିସ ଧରି ସୁଧାରଗୃହକୁ ପଠାଇଛି। ଗିରଫ ହୋଇଥିବା ୬ ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରହୁଥିବା ଶୁଭମ୍ ଦାସ(୧୯) ଓରଫ ବାବୁ, ଚକେଇସିଆଣିର ସୌମ୍ୟରଞ୍ଜନ ମହାରଣା(୧୯) ଓରଫ ବାପୁ, ଜଗନ୍ନାଥନଗରର ପିଣ୍ଟୁ ଗୋସ୍ୱାମୀ(୧୯), ନହରକଣ୍ଟାର ବିବେକାନନ୍ଦ ଦତ୍ତ(୧୯) ଓରଫ ବାବୁ, ଜୟଦେବ ବିହାରର ଏସ୍.କେ ଫରାନ କବିର(୧୯) ଓ ପାଣ୍ଡରାର ଆକାଶ ମହାପାତ୍ର(୧୯)। ଘଟଣାକୁ ନେଇ କେସ୍ ନଂ-୮୭/୨୦ ରୁଜୁ ହୋଇଥିବାବେଳେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୩୦୭ ଓ ୩୪ ଲଗାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

### କୃଷ୍ଣପ୍ରସାଦ ବ୍ଲକ: ୭ କେନ୍ଦ୍ରରେ ୧୧୭୫ ମାଟ୍ରିକ ପରୀକ୍ଷାର୍ଥୀ

କୃଷ୍ଣପ୍ରସାଦ,୧୭।୨(ଡି.ଏନ.ଏ.) ଆସନ୍ତା ୧୯ ତାରିଖଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ଚଳିତବର୍ଷ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠ ନୋଡାଲ ସେଣ୍ଟର ଅଧୀନରେ ଥିବା ୭ ପରୀକ୍ଷା କେନ୍ଦ୍ରରେ ମୋଟ ୧୧୭୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠରେ ୧୯୦, ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ନନ୍ଦଳାରେ ୧୧୬, ମାଲୁଦ ହାଇସ୍କୁଲରେ ୧୯୬, ସାନସୀମା ହାଇସ୍କୁଲରେ ୨୧୦, କମଳେଶ୍ୱର ବିଦ୍ୟାପୀଠରେ ୧୮୦, ନାରାୟଣ ବିଦ୍ୟାପୀଠ ଚିଲିକା ନୂଆପଡାରେ ୧୨୦ ଏବଂ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ୧୬୩ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି। ଗତ ୧୫ ତାରିଖରୁ ପୋଲିସର କଡା ସୁରକ୍ଷା ମଧ୍ୟରେ ପାରିକୁଦ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ରଖାଯାଇଛି। ପ୍ରତିଦିନ ଥିବା ବିଷୟର ପ୍ରଶ୍ନପତ୍ର ପ୍ୟାକେଟକୁ କଡା ସୁରକ୍ଷା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପଠାଯିବ ବୋଲି ନୋଡାଲ ସେଣ୍ଟର ଅଧିକାରୀ ଶ୍ୟାମ ସୁନ୍ଦର ଦାସ କହିଛନ୍ତି। ପରୀକ୍ଷା ସୁପରିଚାଳନା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### କ୍ରୀଡ଼ାବିତ୍ ରାଧାଗୋବିନ୍ଦଙ୍କ ପରଲୋକ

ଜଟଣୀ,୧୭।୨(ଡି.ଏନ୍.ଏ.): ଖୋର୍ଦ୍ଧା ଅଞ୍ଚଳର ଜଣାଶୁଣି ଫୁଟବଲ ଖେଳାଳି ତଥା ଭାଷା, ସାହିତ୍ୟ ଓ କଳାପ୍ରେମୀ ରାଧାଗୋବିନ୍ଦ ଦାସଙ୍କ ରବିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖୋର୍ଦ୍ଧା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ ସଚିବାଳୟରେ ଅଣ୍ଡର ସେକ୍ରେଟାରୀ ଭାବେ କାର୍ଯ୍ୟକରି ଅବସର ନେବାପରେ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେଇ ଆସୁଥିଲେ।

# ପୁଣି ଜଣେ ବ୍ରାଉନସୁଗାର ବେପାରୀ ଗିରଫ

- ୧୨.୩୩ ଗ୍ରାମ୍‌ର ବ୍ରାଉନସୁଗାର ଜବତ
- ବାଲେଶ୍ୱରରୁ ଆଣି ବେପାର କରୁଥିଲେ

ଭୁବନେଶ୍ୱର,୧୭।୨(ବ୍ୟୁରୋ)-



ରାଜଧାନୀ ସମେତ ରାଜ୍ୟରେ କାୟା ମେଲିଛି ବ୍ରାଉନସୁଗାର ର୍ୟାକେଟ। ଏହି ବେଆଇନ କାରବାର ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଉଦ୍ୟମ ଜାରି ରଖିଛି। ସୋମବାର ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଟାଉନ୍‌ରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀସାହିର ରାଜକିଶୋର ସୁନ୍ଦରାୟ ଓରଫ ଗୁଟ୍ଟା। ତାଙ୍କ ନିକଟରୁ ୧୨.୩୩ ଗ୍ରାମ୍‌ର ବ୍ରାଉନସୁଗାର ମିଳିଛି। ଏସ୍‌ଟିଏଫ୍ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିବା ପରେ ଖୋର୍ଦ୍ଧା ଟାଉନ୍‌ଥାନାରେ କେସ୍ ନଂ.୫୦/୨୦ ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ରାଜକିଶୋର ରାଜଧାନୀର ଜଣେ ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ନେଇ ଖୋର୍ଦ୍ଧାରେ ବେପାର କରନ୍ତି। ନିକଟରେ ଉକ୍ତ ହୋଲ୍‌ସେଲର ଜଣକ ଗିରଫ ହେବା ପରେ ରାଜକିଶୋର ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ବେପାର କରୁଥିଲେ। ଏନେଇ ଖବର ପାଇବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଏସ୍‌ଟିଏଫ୍। ରବିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଟାଉନର ଏକ ନିଛାଟିଆ ସ୍ଥାନରେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ପାଇଁ ରାଜକିଶୋର ଅପେକ୍ଷା କରିବସିଥିଲେ। ଏହିସମୟରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢାଉ କରି ତାଙ୍କୁ କାବୁ କରିଥିଲା।

### ଦେଢ ମାସରେ ୧୧ ମାମଲା, ୨୨ ଗିରଫ

ଏସ୍‌ଟିଏଫ୍ ବ୍ରାଉନସୁଗାର ଓ ଅନ୍ୟ ନିଶା ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦେଢ଼ମାସ ମଧ୍ୟରେ ପୁରୀ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ପିପିଲି, ଢେଙ୍କାନାଳ ଓ ଭୁବନେଶ୍ୱରରେ ଚଢାଉ କରି ୧୧ ମାମଲା ରୁଜୁ କରିବା ସହ ୨୨ଜଣଙ୍କୁ ଗିରଫ କରିଛି। ଏହାସହ ୮୭୪.୩ ଗ୍ରାମ୍ ବ୍ରାଉନସୁଗାର, ୩୨୬.୪୫ ଗ୍ରାମ୍ ଅଫିମ, ୧୩ ଲକ୍ଷ ୨୧ ହଜାର ଟଙ୍କା, ଗୋଟିଏ କାର, ୮ ବାଇକ ଓ ବ୍ୟାଙ୍କ୍ ଆକାଉଣ୍ଟକୁ ଜବତ କରାଯାଇଛି।

### ଜବତ ହେବ ବ୍ୟାଙ୍କ୍ ଆକାଉଣ୍ଟ, ସମ୍ପତ୍ତି

ଗିରଫ ବ୍ରାଉନସୁଗାର ବେପାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ସମ୍ପତ୍ତି ଯାଞ୍ଚ ହେବ। ସେମାନେ ବ୍ରାଉନସୁଗାର ବେପାର ଟଙ୍କାରେ ସମ୍ପତ୍ତି କିମ୍ବା ଗାଡି କରିଥିଲେ ତାହାକୁ ଏସ୍‌ଟିଏଫ୍ ଫ୍ରିଜ୍ କରିବ। ପରବର୍ତ୍ତୀ ସମୟରେ ତାହା ସରକାରୀ ଖାତାକୁ ଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବଶ୍ୟକ ଯାଞ୍ଚ ଓ ସମ୍ପତ୍ତି ଜବତ ପାଇଁ ନିକଟରେ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଦିନିକିଆ ଟ୍ରେନିଂ ଦିଆଯାଇଥିଲା।

# ସାନପଦରରେ ବିରଳ ଗରୁଡ଼ ପକ୍ଷୀ

ବୋଲଗଡ,୧୭।୨(ଡି.ଏନ.ଏ.):



ଆମ୍ବ ଗଛ ମୂଳରେ ବସିଥିବା ଗରୁଡ ପକ୍ଷୀ।

ବୋଲଗଡ ବ୍ଲକ ସାନପଦର ଗ୍ରାମର ତାରେଶ୍ୱର ଦେବ ମନ୍ଦିର ନିକଟ ଆମ୍ବଗଛ ମୂଳରେ ସୋମବାର ଏକ ବିରଳ ପକ୍ଷୀ ଦେଖିବାକୁ ମିଳିଛି। ଏହା ଗରୁଡ ପକ୍ଷୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପକ୍ଷୀଟି ଦୁଇଦିନ ହେଲା ଉକ୍ତ ଆମ୍ବଗଛରେ ରହୁଥିବା ଜଣାପଡିଥିଲା। ସୋମବାର ସନ୍ଧ୍ୟାରେ ଏହା ଗଛତଳେ ବସିଥିବାରୁ ଲୋକେ ସ୍ପଷ୍ଟ ଭାବେ ଦେଖିପାରିଥିଲେ। ହିନ୍ଦୁ ଧର୍ମରେ ଗରୁଡ ପକ୍ଷୀ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ଭକ୍ତି ରହିଛି। ଧର୍ମୀୟ ଧାରଣାକୁ ନେଇ ଗ୍ରାମରେ ଏହି ପକ୍ଷୀ ଦେଖାଯିବାରୁ ଏହା ଶୁଭସଙ୍କେତ ବୋଲି ଆସ୍ତିକବାଦୀମାନେ ମତ ଦେଇଛନ୍ତି।

# ସାଇ ଇଲେଭେନ୍ ଷ୍ଟାର ଚାମ୍ପିୟନ

## ରବୀନ୍ଦ୍ରନାଥ ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ




ଅତିଥିଙ୍କଠାରୁ ଚାମ୍ପିୟନଟିମର ଜଣେ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଜଟଣୀ,୧୭।୨(ଡି.ଏନ୍.ଏ.)

ଜଟଣୀ ବ୍ଲକ ପଳାସପୁର ଗ୍ରାମରେ ଚାଲିଥିବା ରବୀନ୍ଦ୍ରନାଥ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ କାଇପଦର ସତ୍ୟପ୍ରିୟ କ୍ରିକେଟ୍ କ୍ଲବକୁ ୯୮ରନ୍‌ରେ ପରାସ୍ତ କରି ଆୟୋଜକ ପଳାସପୁର ସାଇ ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ସାଇ ଇଲେଭେନର ଦିଲ୍ଲୀପ କୁମାର ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ବସନ୍ତ ସାହୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସୁକାନ୍ତ ବେହେରା ଓ ଆନନ୍ଦ ସାହୁ ଅମ୍ପାୟର ରହିଥିଲେ। ଅବସରପ୍ରାପ୍ତ ଶିକ୍ଷକ କୈଳାସ ସୁବୁଦ୍ଧି ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ନବ ନିର୍ମାଣ କୃଷକ ସଙ୍ଗଠନର ସମାବେଶ

ବେଗୁନିଆ,୧୭।୨(ଡି.ଏନ୍.ଏ.)




ସମାବେଶରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ ବ୍ଲକ ଗଁପୁର ଗ୍ରାମସ୍ଥିତ ଗାନ୍ଧୀ ପଡ଼ିଆରେ ସୋମବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚାଷୀ ପେନଶନ ଲାଗୁ କରିବା ଦାବିରେ ୧୦୦ ଦିନିଆ କୃଷକ ପଦଯାତ୍ରାକୁ ବେଗୁନିଆ ବ୍ଲକ ଚାଷୀ ସଙ୍ଗଠନ ପକ୍ଷରୁ ଏହି ସମାବେଶକୁ ସ୍ୱାଗତ କରାଯାଇଥିଲା। ବିଜୟା ନନ୍ଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଅଞ୍ଚଳର ବହୁ ଚାଷୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରି ସଭା କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କୁ ସର୍ବଦା ଅଣଦେଖା କରୁଛନ୍ତି। ଧାନର ଉଚିତ ମୂଲ୍ୟ ମିଳୁ ନ ଥିବା ବେଳେ ଚାଷୀଙ୍କୁ ମାସିକ ପେନଶନ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉ। ଚାଷୀ ଯଦି କୌଣସି ସରକାରୀ କାର୍ଯ୍ୟରେ ଦପ୍ତରକୁ ଯାଇଥାଏ ତାଙ୍କୁ ଅସମ୍ମାନ କରାଯାଉଛି ବୋଲି କହିଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଖୋର୍ଦ୍ଧା ଜିଲା ବରୁଣେଇ ପୀଠରେ ଚାଷୀ ସମାବେଶ ଅନୁଷ୍ଠିତ ହେବ ବୋଲି ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ କହିଛନ୍ତି। ରାଜ୍ୟ ସଂଯୋଜକ ଶେଷ ଦେବ ନନ୍ଦ, ନୟାଗଡ଼ ଜିଲା ସଂଯୋଜିକା ମମତା ନାଥ, ବେଗୁନିଆ ବ୍ଲକ ସଂଯୋଜକ ମଦନ ସାହୁଙ୍କ ସମେତ ବୋଲଗଡ଼ ବ୍ଲକ ସଂଯୋଜକ ଜୟନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କଣାସ ବ୍ଲକରେ ୨୦୫୯ ପରୀକ୍ଷାର୍ଥୀ

କଣାସ, ୧୭।୨(ସ୍ୱ.ପ୍ର.)

ଚଳତବର୍ଷ କଣାସ ବ୍ଲକର ୧୧ଟି କେନ୍ଦ୍ରରେ ୨୦୫୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଏଠାରେ ୧୧ଟି ପରୀକ୍ଷା କେନ୍ଦ୍ରର ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ନୋଡାଲ କେନ୍ଦ୍ରରେ ୫ ସ୍କୁଲର ୨୬୭, ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୨୮, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ସ୍କୁଲର ୧୩୫, ଗୋପୀନାଥ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ସ୍କୁଲର ୨୩୫, ଅଭିରାମ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୩୪, କୁଳମଣି ବିଦ୍ୟାପୀଠ କେନ୍ଦ୍ରରେ ୪ ସ୍କୁଲର ୨୨୮, ଭିକାରି ଚରଣ ବିଦ୍ୟାପୀଠ କେନ୍ଦ୍ରରେ ୩ ସ୍କୁଲର ୧୭୧, ଜି.ବି. ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩ ସ୍କୁଲର ୧୯୮, ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଗୋଟିଏ ସ୍କୁଲର ୧୯୨, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୭୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନଶିକ୍ଷକ ନିରଞ୍ଜନ ପତି ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସହକାରୀ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।

# ଖୋଲିଲା ନୂଆ ଆହାର କେନ୍ଦ୍ର, ଆଶ୍ରୟସ୍ଥଳୀ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

- ଖୁବଶୀଘ୍ର ହେବ ସୋସିଆଲ୍ ଇକ୍ୟୁଟି ସେଣ୍ଟର
- ଲୋକଙ୍କୁ ଆହାର ପରଷିଲେ ଓ ଖାଇଲେ ବିଧାୟକ
- ବିଏମ୍‌ସି ଦ୍ୱାରା ପରିଚାଳିତ ହେବ ଆହାର କେନ୍ଦ୍ର, ଆଶ୍ରୟସ୍ଥଳୀ

ରାଜଧାନୀ ଭୁବନେଶ୍ୱରରେ ଆଉ ଏକ ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ଖୋଲା ହୋଇଛି। ୟୁନିଟ୍-୩ସ୍ଥିତ ଖାରବେଳ ନଗରରେ ଏହି ଆହାର କେନ୍ଦ୍ର ଖୋଲାଯାଇଥିବା ବେଳେ ଏହାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ହେବା ପରେ ବିଧାୟକଦ୍ୱୟ ଆହାର ଖାଇବା ସହ ଖାଇବାକୁ ଆସିଥିବା ଲୋକଙ୍କୁ ଖାଦ୍ୟ ପରଷିଥିବା ଦେଖିବାକୁ ମିଳିଛି।

ସେହିପରି ଆହାର କେନ୍ଦ୍ର ପଛପଟେ ଥିବା ଏହି ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀକୁ ମଧ୍ୟ ବିଧାୟକଦ୍ୱୟ ଉଦ୍‌ଘାଟନ କରିଛନ୍ତି। ଉଭୟ ଆହାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ପରିଚାଳିତ ହେବ। ଏହି ଉତ୍ସବରେ ବିଏମ୍‌ସି ଆଡିଶ୍‌ନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ସହରରେ ଏହା ଏକ ସ୍ୱତନ୍ତ୍ର ଆବଶ୍ୟକତା ସ୍ଥାନ ପୂରଣ ହେବ ବୋଲି କହିଥିଲେ। ଏଥିସହ ଏଠାରେ ଆଗକୁ ଏକ ସୋସିଆଲ୍ ଇକ୍ୟୁଟି ସେଣ୍ଟର ମଧ୍ୟ କରାଯିବ ବୋଲି କହିଛନ୍ତି। ତେବେ ଏହି ସେଣ୍ଟରଟି ଆହାର କେନ୍ଦ୍ରର ଉପର ତାଲାରେ ନିର୍ମାଣ ହେଉଥିବାବେଳେ ସେଣ୍ଟରରେ ନିର୍ମାଣ ଶ୍ରମିକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ)ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେଉଥିବାବେଳେ ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ରହଣି ବ୍ୟବସ୍ଥା ହେବାର ବନ୍ଦୋବସ୍ତ ରହିଛି ବୋଲି ଆଡିଶ୍‌ନାଲ କମିଶନର ମଲ୍ଲିକ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ପୂର୍ବରୁ ୧୧ ଆହାର କେନ୍ଦ୍ର ଥିବାବେଳେ ଏଥିରେ ସୋମବାର ଆଉ ଏକ କେନ୍ଦ୍ର ଯୋଡ଼ି ହେବାରୁ ଏହାର ସଂଖ୍ୟା ୧୨ରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ଆଶ୍ରୟସ୍ଥଳୀ ସଂଖ୍ୟା ମଧ୍ୟ ୭ରୁ ବଢ଼ି ୮ରେ ପହଞ୍ଚିଛି। ନୂଆ ଆଶ୍ରୟସ୍ଥଳୀରେ ପ୍ରାୟ ୧୦୦ ଜଣଙ୍କୁ ସେବା ଯୋଗାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ପରିଚାଳନା ଭାର ପତିତା ଉଦ୍ଧାର ସମିତିକୁ ଦିଆଯାଇଛି।

### ଫନୀ ବିପନ୍ନ ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗା ବଣ୍ଟନ

କୋଣାର୍କ,୧୭।୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ପ୍ରେମ କନଭେନସନଠାରେ ସାମାଜିକ ଅନୁଷ୍ଠାନ କାରିଟସ ଇଣ୍ଡିଆ ପକ୍ଷରୁ ଫନୀ ବିପନ୍ନ ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗା ବଣ୍ଟନ କରାଯାଇଛି। କାରିଟସର ଗୋଷ୍ଠୀ ସଂଗଠକ ଏସ.ଯମୁନା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ରାଜ୍ୟ ଅଧିକାରୀ ନୂତନ କୁମାର ସୋଗରିଆ, ଜିଲା ସଂଯୋଜକ ସଂଗ୍ରାମ କେଶରୀ ତ୍ରିପାଠୀ, ରାମକୃଷ୍ଣ ମହାନ୍ତି ଓ ନିରଞ୍ଜନ ତ୍ରିପାଠୀ ଯୋଗଦେଇ କୋଣାର୍କ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ୧୬ଜଣଙ୍କୁ ଡଙ୍ଗା, ୨୪ଜଣଙ୍କୁ ଜାଲ ଓ ୩୦ଜଣ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ବାର୍‌ହା ଆକ୍ରମଣରେ ୩ ଗୁରୁତର

ବେଗୁନିଆ,୧୭।୨(ଡି.ଏନ୍.ଏ.)



ଗୁରୁତର ବ୍ୟକ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ସୋମବାର ବାର୍‌ହା ଆକ୍ରମଣରେ ଜଣେ ଶିଶୁଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଗୁଡୁମ ଗ୍ରାମର ବିଚିତ୍ରାନନ୍ଦ ମହାରଣା ଓ ତାଙ୍କ ୫ବର୍ଷର ଝିଅାରୀ ଗୁନି ଏବଂ ୱାର୍ଡ ସଭ୍ୟ ଗୌରାଙ୍ଗ ବେହେରା। ଏମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବିଚିତ୍ରାନନ୍ଦ ଓ ତାଙ୍କ ଝିଅାରୀ ଅପରାହ୍ନ ପ୍ରାୟ ସାଢେ ୧ଟା ରେ ଗାଧୋଇବାକୁ ଯାଇଥିଲେ। ସେଠାରେ ଥିବା ଏକ ବୁଦା ଆଡୁଆଳରେ ପୂର୍ବରୁ ଲୁଚି ରହିଥିବା ଏକ ବାର୍‌ହା ହଠାତ୍ ଉଭୟଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ୱାର୍ଡସଭ୍ୟ ଗୌରାଙ୍ଗ ବାର୍‌ହାକୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ଗ୍ରାମବାସୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୂଚନାଥାଉ କି, ଗତ କିଛି ଦିନ ହେବ ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀପଲ ଓ ବାର୍‌ହା ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହା ସହ ବହୁ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ବନ ବିଭାଗକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ହରିପୁର ତୋଫାନ ସ୍ପୋର୍ଟିଂ ଚାମ୍ପିୟନ

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜଟଣୀ,୧୭।୨(ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଜଟଣୀ ନିକଟ ହରିପୁର ଗ୍ରାମ ଖେଳପଡ଼ିଆରେ ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଓ କଲଚରାଲ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ଫୁଟବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଶିବଶକ୍ତି କ୍ଲବକୁ ୧-୦ ଗୋଲ୍‌ରେ ପରାସ୍ତ କରି ହରିପୁର ତୋଫାନ୍ ସ୍ପୋର୍ଟିଂ ଚାମ୍ପିୟନ୍ ହୋଇଛି। ଶିବପ୍ରସାଦ ଦାସ ରେଫରି ରହିଥିବା ବେଳେ ଦିଗ୍‌ବିଜୟ ଦାସ ଓ ପ୍ରିୟବ୍ରତ ବାହିନୀପତି ଆସିଷ୍ଟାଣ୍ଟ ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଏମ୍‌ପି ଅନୁଭବ ମହାନ୍ତି, ଜିଲାପରିଷଦ ସଭ୍ୟ ମଳୟ ମହାନ୍ତି, ସରପଞ୍ଚ ଦମୟନ୍ତି ନିଶଙ୍କ ଅତିଥିଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ସୌମ୍ୟ ପରିଡ଼ା, ପ୍ରଶାନ୍ତ ଭୁଜବଳ, ରାମ ପାତାଳସିଂହ, ଦୀପକ ଜେନା ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୧୯୮ ଅଭିଯୋଗ

ଜଟଣୀ,୧୭।୨(ଡି.ଏନ୍.ଏ.)



ଜନଶୁଣାଣିରେ ଜିଲାପାଳ ସୀତାଂଶୁ କୁମାର ରାଉତ ଓ ଅନ୍ୟ ଅଧିକାରୀମାନେ।

## ଆବାସ ଯୋଜନା ହିତାଧିକାରୀ ଚୟନ ନେଇ ଅସନ୍ତୋଷ

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ମହିଳା, ପୁରୁଷ ଗତ ବାତ୍ୟା ଫନୀରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା କହିଥିଲେ। ବହୁଥର ସର୍ଭେ କରିବାକୁ ସରକାରୀ କର୍ମଚାରୀ ଆସିଥିଲେ। ଭଙ୍ଗା ଘର ଦେଖିଲେ। ନାଁ ମଧ୍ୟ ଲେଖିକି ନେଲେ। ଆବାସ ଯୋଜନାରେ ଘର କରିବା ପାଇଁ ଅର୍ଥ ପାଇବ ବୋଲି ଆଶା ଦେଖାଇଲେ। ହେଲେ ତାଲିକାରେ ନାମ ନାହିଁ। ଗ୍ରାମର ଯାହାର ବିଶେଷ କିଛି କ୍ଷତି ହୋଇନି ସେମାନଙ୍କର ତାଲିକାରେ ନାମ ସାମିଲ ହୋଇଥିବା ଉପସ୍ଥିତ ଅଧିକାରୀଙ୍କୁ ଅଙ୍ଗାରପଡ଼ା ପଞ୍ଚାୟତର ମହୁଲ, ମଧୁପୁର, ପଳାସପୁର ଗ୍ରାମରୁ ଆସିଥିବା ଦିଲ୍ଲୀପ କୁମାର ସାହୁ, ଶିବ ପ୍ରସାଦ ଦାସ, କଣ୍ଟୁରି ବେହେରା, ସୁକାନ୍ତ ବାରିକ, ବେଣାପଞ୍ଜରୀ ପଞ୍ଚାୟତର ପବିତ୍ର ମହାରଣା, ସେକ୍ ତୟବ, ମହମ୍ମଦ ରମଜାନ୍, ମହମ୍ମଦ ମୁସାନ୍, ଜାମୁକୋଳି ବରକୁଦା ଗ୍ରାମର ବିଷ୍ଣୁମୟୀ ଭୋଇ, ଗଙ୍ଗପଡ଼ାର ପ୍ରକାଶ ଚନ୍ଦ୍ର ସାହୁ ଏହିପରି ଅନେକ ବଞ୍ଚିତ ନିଜକୁ ଯୋଗ୍ୟ ହିତାଧିକାରୀ ଭାବେ ଦାବି କରୁଥିବା ମହିଳା, ପୁରୁଷ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଫନୀରେ ବିଚ୍ଛିନ୍ନ ହୋଇଯାଇଥିବା ବିଦ୍ୟୁତ୍ ସଂଯୋଗ ଏଯାବତ୍ କରାଯାଇ ନ ଥିବାରୁ ପଳାସପୁର ଗ୍ରାମରେ ଚାଷ ପାଇଁ ଥିବା ଉଠା ଜଳସେଚନ ପଏଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ରହିଥିବା ବିମଳ ଚନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ସେହିପରି ଅଙ୍ଗନୱାଡି କେନ୍ଦ୍ର, ଭତ୍ତା ଆଦି ସମସ୍ୟା ଅଭିଯୋଗ ହୋଇଥିଲା। ଏଥିରେ ସମୂହ ଓ ବ୍ୟକ୍ତିଗତ ଭାବେ ୧୯୮ଟି ଅଭିଯୋଗ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୦ଜଣଙ୍କୁ ୭୩ହଜାର ଓ ରେଡକ୍ରସ ଫଣ୍ଡରୁ ୪ଜଣଙ୍କୁ ୧୬ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

ନିମାପଡ଼ା,୧୭।୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ନାକଡ଼ିହଗ୍ରାମର ଅଶୋକ ମହାରଣାଙ୍କ ଘରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୨୧ ହଜାର ଟଙ୍କା, ଧାନ, ଚାଉଳ, ଆସବାବପତ୍ର ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଶୋକଙ୍କ ଛାତ ଘରେ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଗ୍ରାମ୍ୟରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

କୋଣାର୍କ,୧୭।୨(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନସ୍ଥ ଅବଦାନ ପଞ୍ଚାୟତର ଗୋଲରାଗଡ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପୁରୀ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ଗୋଲରାଗଡ ଗ୍ରାମକୁ ପକ୍କାରାସ୍ତାଟିଏ ଏଯାବତ ନିର୍ମାଣ କରାଯାଇ ନାହିଁ। ଗ୍ରାମର ମୁଖ୍ୟ ରାସ୍ତାରୁ ୧କି.ମି. ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପଞ୍ଚାୟତ ଓ କାକଟପୁର ବ୍ଲକରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ। ଫଳରେ ଯାତାୟାତ ସହ ଗ୍ରାମର ବୃଦ୍ଧ, ବୃଦ୍ଧା, ଗର୍ଭବତୀ ମହିଳା ଓ ଶିଶଙ୍କ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବା ଲାଗି ଗ୍ରାମର ଜନାର୍ଦ୍ଦନ ରାୟ, ହଟ ସେଠୀ, ଗୌରାଙ୍ଗ ସେଠୀ, ନୀହାର ରଞ୍ଜନ ନାୟକ ପ୍ରମୁଖ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

### ବିପନ୍ନ ମତ୍ସ୍ୟଜୀବୀଙ୍କୁ ଜାଲ, ଉଙ୍ଗା ବଣ୍ଟନ



କୋଣାର୍କ,୧୭।୨(ଡି.ଏନ୍.ଏ.): କୋଣାର୍କସ୍ଥିତ ପ୍ରେମ କନଭେନସନଠାରେ ସାମାଜିକ ଅନୁଷ୍ଠାନ କାରିଟସ ଇଣ୍ଡିଆ ପକ୍ଷରୁ ଫନୀ ବିପନ୍ନ ମତ୍ସ୍ୟଜୀବୀମାନଙ୍କୁ ଜାଲ, ଉଙ୍ଗା ବଣ୍ଟନ କରାଯାଇଛି। କାରିଟସର ଗୋଷ୍ଠୀ ସଂଗଠକ ଏସ.ଯମୁନା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବଣ୍ଟନ ମେଳାରେ ଅନୁଷ୍ଠାନର ରାଜ୍ୟ ଅଧିକାରୀ ନୂତନ କୁମାର ସୋଗରିଆ, ଜିଲା ସଂଯୋଜକ ସଂଗ୍ରାମ କେଶରୀ ତ୍ରିପାଠୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ କୋଣାର୍କ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ୧୬ଜଣଙ୍କୁ ଉଙ୍ଗା, ୨୪ଜଣଙ୍କୁ ଜାଲ ଓ ୩୦ଜଣ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଗାମୀ ଦିନରେ ଅନ୍ୟ ହିତାଧିକାରୀମାନଙ୍କୁ ଆହୁରି ସହାୟତା ପ୍ରଦାନ କରାଯିବ ବୋଲି କାରିଟସର ଗୋଷ୍ଠୀ ସଂଗଠକ ଯମୁନା ବେହେରା ପ୍ରକାଶ କରିଛନ୍ତି।

### କଣାସ ବ୍ଲକରେ ୨୦୫୯ ପରୀକ୍ଷାର୍ଥୀ

କଣାସ, ୧୭।୨(ସ୍ୱ.ପ୍ର.): ଚଳତବର୍ଷ କଣାସ ବ୍ଲକର ୧୧ଟି କେନ୍ଦ୍ରରେ ମୋଟ ୨୦୫୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଏଠାରେ ୧୧ଟି ପରୀକ୍ଷା କେନ୍ଦ୍ରର ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ନୋଡାଲ କେନ୍ଦ୍ରରେ ୫ ସ୍କୁଲର ୨୬୭, ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୨୮, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ସ୍କୁଲର ୧୩୫, ଗୋପୀନାଥ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ସ୍କୁଲର ୨୩୫, ଅଭିରାମ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୩୪, କୁଳମଣି ବିଦ୍ୟାପୀଠ କେନ୍ଦ୍ରରେ ୪ ସ୍କୁଲର ୨୨୮, ଭିକାରି ଚରଣ ବିଦ୍ୟାପୀଠ କେନ୍ଦ୍ରରେ ୩ ସ୍କୁଲର ୧୭୧, ଜି.ବି. ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩ ସ୍କୁଲର ୧୯୮, ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଗୋଟିଏ ସ୍କୁଲର ୧୯୨, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ସ୍କୁଲର ୧୭୬, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ସ୍କୁଲର ୧୪୫ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସୁପରିଣ୍ଟେଣ୍ଡେଣ୍ଟ ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପତି ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସହକାରୀ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।

# କୋର୍ଟରେ ପହଞ୍ଚିଲା ମାର୍କେଟ କମ୍ପ୍ଲେକ୍ସ ବିବାଦ

## ସ୍ଥାନ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ଗୋପ,୧୭।୨(ଡି.ଏନ୍.ଏ.)

ଗୋପ ବ୍ଲକ୍ ଅଧୀନ ଈଶାଣପୁର ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏହାର ସ୍ଥାନ ପରିବର୍ତ୍ତନ ହେବା ନେଇ ପଞ୍ଚାୟତର କେତେଜଣ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସ ଏପରି ଅଭିଯୋଗକୁ ଗୁରୁତର ସହ ନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। କିନ୍ତୁ ଏହି ମାର୍କେଟ କମ୍ପ୍ଲେକ୍ସ ପଞ୍ଚାୟତର ନିୟମ ଅନୁଯାୟୀ କରାଯାଉଥିବା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮-୧୯ ଆର୍ଥିକ ବର୍ଷରେ ଈଶାଣପୁର ଗ୍ରା.ପ.ର ଦେସୁଣ୍ଡିଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ଲାଗି ରାଜ୍ୟ ସରକାର ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ନଂ ୨୨୨୩୭ ଯୋଗେ ତା ୧୯।୧୧।୨୦୧୮ ରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ ସରକାରଙ୍କ ଗାଇଡଲାଇନ୍ ନଂ ୧୮୫୨୮ଏଫ୍‌କୁ ଉଲ୍ଲଂଘନ କରି ବେଆଇନ ଭାବେ ଅନ୍ୟ ଏକ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା, ଯାହାକୁ ଗ୍ରାମବାସୀ ପ୍ରତିବାଦ କରି ତା୦୯।୧୨।୨୦୧୯ରେ ଗୋପ ବ୍ଲକ୍‌ରେ ହେଉଥିବା ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିବାବେଳେ ଏହା ଉପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନିର୍ଦ୍ଦେଶକୁ ଦୀର୍ଘଦିନ ବିତିଥିଲେ ମଧ ନିର୍ମାଣ କାର୍ଯ୍ୟ ଚାଲୁ ରହୁଥିବା ନେଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ କୋର୍ଟ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତଥାପି ନିର୍ମାଣ କାର୍ଯ୍ୟ ଚାଲୁ ରହିବାରୁ ଶେଷରେ ଗ୍ରାମର ତୁଷାରକାନ୍ତ ଜେନା, ସୁଜିତ୍ ସ୍ୱାଇଁ, ଦିଲୀପ୍ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ, ଭ୍ରମର ଭୋଇ, ଧୀବର ସ୍ୱାଇଁ ପ୍ରମୁଖ ଚଳିତମାସରେ କୋଣାର୍କ ସିଭିଲ୍ ଜଜ୍ କୋର୍ଟରେ ମାମଲା ରୁଜୁ କରିଥିଲେ। ଏଥିରେ ଗୋପ ବିଡିଓ, ତହସିଲଦାର, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ପକ୍ଷଭୁକ୍ତ ହୋଇଥିବା ଜଣାପଡ଼ିଛି। ଏଭଳି ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି କି ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହୋଇଛି।

# ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି



ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ପରିବାରବର୍ଗ ଓ ସମ୍ପର୍କୀୟମାନେ।

ନିମାପଡ଼ା,୧୭।୨(ଡି.ଏନ୍.ଏ.):

ଜମ୍ମୁ-କଶ୍ମୀର ପୁଲଓ୍ୱାମାରେ ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମରେ ଓଡ଼ିଆ ଯବାନ ମନୋଜ ବେହେରା ଶହୀଦ ହୋଇଥିଲେ। ତାଙ୍କ ସ୍ମୃତିରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ୧୪ତାରିଖରେ ତାଙ୍କର ଏକ ପ୍ରତିମୂର୍ତ୍ତିକୁ ଅନାବରଣ କରାଯାଇଥିଲା। ଏହି ଅବସରରେ ତାଙ୍କ ମା' ସାବିତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ମନୋଜଙ୍କ ବାପା ଜିତେନ୍ଦ୍ର କୁମାର ବେହେରା, ଭଉଣୀ ବାସନ୍ତୀ ବେହେରା, ଭିଣୋଇ ଦେବାଶିଷ ବେହେରା, ଭାଣିଜୀ ଦେବସ୍ୱିନୀ ବେହେରା, ମନସ୍ୱିନୀ ବେହେରା ପ୍ରମୁଖ କଲେଜରେ ପହଞ୍ଚି ମନୋଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନୋଜଙ୍କ ସମ୍ପର୍କୀୟମାନଙ୍କୁ କଲେଜ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗତ୍ ପ୍ରସାଦ ସାବୁତଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଏନ୍‌ସିସି କ୍ୟାଡେଟ ଓ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ମନୋଜ ଶହୀଦ ହୋଇଥିବାରୁ ଆମେ ଗର୍ବିତ ବୋଲି ତାଙ୍କ ବାପା ଓ ସମ୍ପର୍କୀୟମାନେ କହିଥିଲେ।

# ୬୯ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅଧିକାରୀମାନେ।

ସାକ୍ଷୀଗୋପାଳ,୧୭।୨(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ସଭା ଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ମୋଟ ୬୯ଟି ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତଃ ଫନୀ ସହାୟତା ପ୍ରଦାନରେ ବିଳମ୍ବ, ଗ୍ରାମୀଣ ଗୃହ ନିର୍ମାଣ ତାଲିକା ଓ ଜୀବିକା ମିଶନ ସହାୟକ ଚୟନରେ ଅନିୟମିତତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି ଓ ଉଦ୍ୟାନ କୃଷି ସହାୟତା, ଖାଉଟି କାର୍ଡ ଆଦି ଅଭିଯୋଗ ନେଇ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ପୁରୀ ଅତିରିକ୍ତ ଏସପି ପ୍ରତାପ କୁମାର ସ୍ୱାଇଁ, ଡିପିସି ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଜିଲା ଗ୍ରିଭାନ୍ସ ସେଲ ଅଧିକାରୀ ମନୋରଞ୍ଜନ ନାୟକ, ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ସରୋଜ କୁମାର ଦତ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନଙ୍କ ମଧ୍ୟରେ ଜିଲା କୃଷି ଅଧିକାରୀ ଅଜୟ କୁମାର ବେହେରା, ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀ ରଘୁନାଥ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର, ସିଡିପିଓ ପ୍ରେମବାଳା ତ୍ରିପାଠୀ, ବ୍ଲକ ସହକାରୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ଶତପଥୀ, ସହକାରୀ ଉଦ୍ୟାନବିତ୍ ଦେବଦାସ ଦତ୍ତ, ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ କୁମାର ଆଚାର୍ଯ୍ୟ, ପୂର୍ତ୍ତ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ନାୟକ, ସହକାରୀ ପ୍ରାଣୀ ଚିକିତ୍ସକ ବିଶ୍ୱରଞ୍ଜନ ବେହେରା, ସେସୁ ସ୍ଥାନୀୟ ମ୍ୟାନେଜର ପ୍ରଭାତ କୁମାର ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଡ୍‌ମିଟ କାର୍ଡ ମିଳିଲାନି, ପରୀକ୍ଷାରୁ ବଞ୍ଚିତ ହେବେ ଛାତ୍ର

ବ୍ରହ୍ମଗିରି,୧୭।୨(ଡି.ଏନ.ଏ):

ଗୋଟିଏ ଦିନ ଗଲେ ମାଟ୍ରିକ ପରୀକ୍ଷା। କିନ୍ତୁ ଏ ପର୍ଯ୍ୟନ୍ତ ଆଡମିଟ୍ କାର୍ଡ ନ ମିଳିବାରୁ ପରୀକ୍ଷାରୁ ବଞ୍ଚିତ ହେବେ ବ୍ରହ୍ମଗିରି ବ୍ଲକର ଜଣେ ଛାତ୍ର। ସେ ହେଉଛନ୍ତି ଉକ୍ତ ବ୍ଲକ ଅନ୍ତର୍ଗତ ଛୋଟପୁରସ୍ଥିତ ମଦନମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଦଣ୍ଡୁଆସୀପଡା ଗ୍ରାମର ରାଜେନ୍ଦ୍ର ପରିଡା। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ରାଜେନ୍ଦ୍ର ଫର୍ମ ଫିଲପ୍ କରିବା ସହ ୫୫୦ଟଙ୍କା ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ପରୀକ୍ଷାର ଆଡମିଟ୍ କାର୍ଡ ମିଳି ପାରି ନାହିଁ। ଯାହାକୁ ନେଇ ରାଜେନ୍ଦ୍ରଙ୍କ ସହ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ଅନ୍ୟପଟେ ସ୍କୁଲର ଶିକ୍ଷକମାନେ ପୁଅର ଫର୍ମଫିଲପ କରିଥିବାବେଳେ କୌଣସି ତ୍ରୁଟି କରିଥିବା ଯୋଗୁ ଆଡମିଟ କାର୍ଡ ହୋଇ ନାହିଁ ବୋଲି ରାଜେନ୍ଦ୍ରଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଦଳାଇଙ୍କୁ ଫୋନ ନଂ ୯୯୩୭୪୩୫୫୭୪ରେ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳିନାହିଁ।

# ଦଶପଲ୍ଲାରୁ ୫୧ ଖଣ୍ଡ ରଥକାଠ ପୁରୀ ପଠାଗଲା

ନୟାଗଡ ଅଫିସ/ଦଶପଲ୍ଲା (ଡି.ଏନ.ଏ.),୧୭।୨:

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ୨ୟ ପର୍ଯ୍ୟାୟରେ ୫୧ଖଣ୍ଡ ରଥକାଠ ସୋମବାର ଦଶପଲ୍ଲା ବନାଞ୍ଚଳରୁ ଦୁଇଟି ଟ୍ରକରେ ପୁରୀ ପଠାଯାଇଛି। ଚଢ଼େୟାପଲ୍ଲୀ ସଂରକ୍ଷିତ ଜଙ୍ଗଲରୁ ୩୦ ଖଣ୍ଡ ଓ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ୨୧ ଖଣ୍ଡ କାଠ ସଂଗ୍ରହ କରାଯାଇଥିଲା। ଏଥିମଧ୍ୟରେ ୨୦ ଫୁଟର ଧଉରାକାଠ ୭ ଖଣ୍ଡ, ୨୦ ଫୁଟର ଅସନ ୮ଖଣ୍ଡ, ୧୨ ଫୁଟର ଧଉରା ୧୯ଖଣ୍ଡ, ୧୨ ଫୁଟର ଅସନ ୧୭ଖଣ୍ଡ ରହିଛି। ଡେପୁଟି ରେଞ୍ଜର ନିଖିଳେଶ ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟର ମନୋଜ ପ୍ରଭାକର ସାହୁ, ରାକେଶ ସାହୁ, ସୁରେଶ ସାହୁ, ବନରକ୍ଷୀ ବିନୟ ରାଉତ, ନାରାୟଣ ମହାରଣା, ସଞ୍ଜୟ ବେହେରା ପ୍ରମୁଖ କାଠ କଟାରେ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୫୩ ଖଣ୍ଡ କାଠ ପୁରୀ ପଠାଯାଇଥିଲା। ରଥ ତିଆରି ପାଇଁ ୩୧୭ ଖଣ୍ଡ କାଠ ପୁରୀ ପଠାଯିବାକୁ ସ୍ଥିର ହୋଇଛି। ଦୁଇ ପର୍ଯ୍ୟାୟରେ ୧୦୪ ଖଣ୍ଡ ଯାଇଥିବାବେଳେ ଆଉ ୨୧୩ ଖଣ୍ଡ ଯିବ ବୋଲି ଜଣାପଡିଛି

# 'ପାନ ଖାଉଛୁ, ଛେପ ପକାଉନୁ'

## ପାନ, ଗୁଟଖା କଟକଣାକୁ ବେଖାତିର

ପୁରୀ ଅଫିସ,୧୭।୨:

ଶ୍ରୀମନ୍ଦିର ପରିସରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ଏକାଧିକ ନିଷ୍ପତ୍ତି ହେଉଛି। କିନ୍ତୁ ବିଭିନ୍ନ ସମୟରେ ମନ୍ଦିର ପରିସରରେ ପାନଛେପ ଓ ଗୁଟ୍‌ଖା ଖୋଳ ପଡୁଛି। ତେଣୁ ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଶ୍ରୀମନ୍ଦିର ଭିତରକୁ ଯଦି କେହି ପାନ, ଗୁଟ୍‌ଖା, ପାନ ମସଲା ଖାଇ ଯାଆନ୍ତି ତେବେ ସେମାନଙ୍କଠାରୁ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଅନେକ ସେବାୟତ ଏବଂ କର୍ମଚାରୀ ଏ ଦିଗରେ ସଚେତନ ହେଉନାହାନ୍ତି। ବରଂ ପାନ ଖାଇ ଯଦି ଧରାପଡୁଛନ୍ତି ତେବେ ବିତଣ୍ଡା ଯୁକ୍ତି ବାଢୁଛନ୍ତି। ପାନ ଖାଉଛୁ, ଛେପ ପକାଉନୁ ବୋଲି କହୁଛନ୍ତି। ଏମିତି ଭାବେ ପାନ, ଗୁଟ୍‌ଖା କଟକଣାକୁ କେତେଜଣ ବେଖାତିର କରୁଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ନେଇ ମନ୍ଦିର ପ୍ରଶାସନ ବହୁଥର ନିର୍ଦ୍ଦେଶନାମା ଜାରି କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଜୁଲାଇ ୨୯ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା, ପାନ ମସଲା ଖାଇ ବା ମନ୍ଦିର ଭିତରକୁ ନେଇ ଯାଇପାରିବେ ନାହିଁ। ଯଦି ଏହାକୁ ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରି ଧରାପଡ଼ିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଭକ୍ତଙ୍କୁ ସଚେତନ କରିବା ଲାଗି ଚାରିଦ୍ୱାରରେ ସୂଚନା ଫଳକ ଲଗାଯାଇ ଗତବର୍ଷ ଅଗଷ୍ଟ ପହିଲାରୁ ଏହି କଟକଣାକୁ କଡ଼ାକଡ଼ି କରାଯାଇଛି। କିନ୍ତୁ ଏଥିରେ ସମ୍ପୂର୍ଣ୍ଣ ଭାବେ ଅଙ୍କୁଶ ଲଗାଯାଇ ପାରିନାହିଁ। କଟକଣାକୁ ଆଖିଠାର ଦେଖାଇ କେତେଜଣ ସେବାୟତ, ଭକ୍ତ ଓ କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିର ପରିମଳ ବ୍ୟବସ୍ଥାକୁ ବିଗାଡୁଛନ୍ତି। ସୋମବାର ମନ୍ଦିର ଭିତରେ କେତେଜଣ ସେବାୟତ ପାନ ଖାଉଥିଲେ। ସେମାନଙ୍କୁ ମନ୍ଦିର କର୍ମଚାରୀମାନେ ଏଥିରୁ ନିବୃତ୍ତ ହେବାକୁ କହିଥିଲେ। କିନ୍ତୁ ସେମାନେ ଅଜବ ଯୁକ୍ତି ରଖିଥିଲେ। ପାନ ଖାଇବା ଆମର ଅଭ୍ୟାସ। ପାନ ଖାଉଛୁ ସତ, କିନ୍ତୁ ଛେପ ପକାଉ ନାହୁଁ ବୋଲି କହିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀ ସେମାନଙ୍କ ସହିତ ଅଧିକ ଯୁକ୍ତିତର୍କ ନ କରି ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଏ ନେଇ ରିପୋର୍ଟ କରିଥିବା ସୂଚନା ମିଳିଛି।

# ଦଳୀୟ ସଙ୍ଗଠନ ସୁଦୃଢ଼ ପାଇଁ ମତାମତ ଗ୍ରହଣ

- ପୁରୀ ଜିଲା କଂଗ୍ରେସର ସାଙ୍ଗଠନିକ ସମୀକ୍ଷା ବୈଠକ
- ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି ସରକାର: ଜିତେନ୍ଦ୍ର ସିଂ

ପୁରୀ ଅଫିସ,୧୭।୨:

ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ମଙ୍ଗଳବାର ଜିଲା କଂଗ୍ରେସର ସାଙ୍ଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ସମ୍ପାଦକ ରୁଦ୍ର ରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲାରେ କଂଗ୍ରେସର ସ୍ଥିତି ଅନ୍ୟ ଦଳ ଅପେକ୍ଷା ଅତ୍ୟନ୍ତ ଦୟନୀୟ ରହିଛି। ତେଣୁ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜବୁତ୍ କରିବା ଲାଗି ଜିଲାର ସବୁ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦ ଏବଂ ସକ୍ରିୟ କର୍ମୀଙ୍କଠାରୁ ମତାମତ ନେଇଥିଲେ ଓଡ଼ିଶା ପ୍ରଭାରୀ ସିଂ। ସେହିପରି ସମସ୍ତ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଲାଗି ଉପଯୁକ୍ତ କର୍ମକର୍ତ୍ତା ଚୟନ ଉପରେ ମଧ ସେ ମତ ନେଇଛନ୍ତି।

ପ୍ରଥମେ ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଏଆଇସିସି ସମ୍ପାଦକ ଅନୀଲ ଚୌଧୁରୀ, ଏଆଇସିସି ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି, ପୁରୀ ଜିଲା ପର୍ଯ୍ୟବେକ୍ଷକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପ୍ରଭାରୀ ସିଂ ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀର ନେତୃବୃନ୍ଦଙ୍କୁ ଡାକି ସେମାନଙ୍କଠାରୁ ମତାମତ ନେଇଥିଲେ। ଅରୋପ୍ରସାଦ ମିଶ୍ର, ବିନାୟକ ଦାସମହାପାତ୍ର, ଜୟ ନାରାୟଣ ପଟ୍ଟନାୟକ, ନିରଞ୍ଜନ ରଥ, ଛବିନ୍ଦ୍ର ପଡିଆରୀ, ସୁଜିତ ମହାପାତ୍ର, ଉତ୍ତମ ଆଚାର୍ଯ୍ୟ, ପ୍ରେମାନନ୍ଦ ମହାନ୍ତି, ନିଶିକାନ୍ତ ମିଶ୍ର, ଅଜିତ ମଙ୍ଗରାଜ, ବିଶ୍ୱଭୂଷଣ ଦାସ, ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଦିଲୀପ ନାୟକ, ରମାକାନ୍ତ ବରାଳ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ନେଇ ସେମାନଙ୍କ ମତ ରଖିଥିଲେ। ପ୍ରଭାରୀ ସିଂ ଦଳୀୟ ନେତୃବୃନ୍ଦଙ୍କ କଥା ଶୁଣିଥିଲେ। ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ନେତୃବୃନ୍ଦ ନିଜ ନିଜ ଅଞ୍ଚଳରେ ସଙ୍ଗଠନର ସ୍ଥିତି କେମିତି ରହିଛି, କ'ଣ କରିବାକୁ ହେବ, କିପରି କର୍ମୀଙ୍କ ଆସ୍ଥାଭାଜନ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ପ୍ରଭାରୀ ସିଂ ସମସ୍ତଙ୍କ କଥା ଶୁଣିବା ସହ ଆଗାମୀ ଦିନରେ ଦଳ ପାଇଁ ନିଷ୍ଠାର ସହ କାମ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସେହିପରି କେନ୍ଦ୍ରର ଭାଜପା ସରକାର ଏବଂ ରାଜ୍ୟର ବିଜେଡି ସରକାର ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି ବୋଲି କହିବା ସହ ଉଭୟ ସରକାରଙ୍କ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ।

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ନିମାପଡ଼ା,୧୭।୨(ଡି.ଏନ୍.ଏ.):

ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହାୟତାରେ ନିମାପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ୫ଦିନିଆ ଗୋପାଳନ କ୍ଷେତ୍ରରେ ଦକ୍ଷତା ଅଭିବୃଦ୍ଧି ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜଗବନ୍ଧୁ ବେହେରା, ପିପିଲିର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭ୍ରାଂଶୁ ସାହୁ, ନିମାପଡ଼ା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗୋଚାଷୀ ଓ ଗୋ ପାଳନକାରୀ ଆତ୍ମନିର୍ଭରଶୀଳ, ରୋଗବ୍ୟାଧି ଓ ଟୀକାକରଣ ସମ୍ପର୍କରେ ବୁଝାଇଥିଲେ। ଗୋପାଳନ ଓ ଘାସ ଚାଷ ସମ୍ପର୍କିତ ବିଭିନ୍ନ ଯୋଜନାର ସଫଳ ରୂପାୟନ, ଗୋ ପାଳନ ପାଇଁ ଚାଷୀଙ୍କ ମଧ୍ୟରେ ଆଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ବହୁ ମହିଳା ଚାଷୀଙ୍କ ସମେତ ୩୦ଜଣ ଚାଷୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# ଜାଗର ପାଇଁ ଲୋକନାଥ ପୀଠରେ ପ୍ରସ୍ତୁତି



ପାର୍ବତୀ ସାଗରରେ ରେଲିଂ ଲଗାଯାଇଛି।

ପୁରୀ ଅଫିସ, ୧୭।୨:

ଆସନ୍ତା ୨୧ ତାରିଖରେ ଜାଗର ଯାତ୍ରା। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ଏହା ଧୂମ୍‌ଧାମରେ ପାଳନ କରାଯିବ। ଏଥିଲାଗି ଆରମ୍ଭ ହୋଇଛି ପ୍ରସ୍ତୁତି। ଜାଗର ଯାତ୍ରା ପୂର୍ବରୁ ଅର୍ଥାତ୍ ଆଉ ଦିନକ ପରେ ପଙ୍କୋଦ୍ଧାର ଏକାଦଶୀ। ବର୍ଷକରେ ଏହି ଗୋଟିଏ ଦିନ ଭକ୍ତମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ତେଣୁ ଏହିଦିନ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହେବ। ତେଣୁ ମୁଖ୍ୟ ମନ୍ଦିର ଏବଂ ବେଢା ପରିସରସ୍ଥ ବିଭିନ୍ନ ମନ୍ଦିରରେ ଚୂନ ଧଉଳା କାମ ଶେଷ ହୋଇଛି। ପ୍ରବେଶ ପଥରେ ଥିବା ସିଂହ ମୂର୍ତ୍ତି ସମେତ ଅନ୍ୟ କେତେକ ମୂର୍ତ୍ତିରେ ରଙ୍ଗ ଦିଆଯାଉଛି। ଭକ୍ତଙ୍କ ଶୃଙ୍ଖଳିତ ପ୍ରବେଶ ଲାଗି ବ୍ୟାରିକେଡ ତିଆରି କରାଯିବ। ଜାଗର ପଡ଼ିଆକୁ ସଫା କରାଯାଇଛି। ସେହିପରି ଗତ ଫନୀ ବାତ୍ୟାରେ ଲୋକନାଥଙ୍କ ବେଢା ପରିସର ଓ ମନ୍ଦିର ବେଢା ବାହାରେ ବହୁ ସଂଖ୍ୟାରେ ଗଛ ଭାଙ୍ଗି ପଡ଼ିଥିଲା। ଗଛଗୁଡ଼ିକ ସଫା କରାଯାଇଛି। ପାର୍ବତୀ ସାଗରରେ ଶ୍ରଦ୍ଧାଳୁ ଗୋଡ଼ ହାତ ଧୋଇବାବେଳେ ଯେପରି କୌଣସି ପ୍ରକାର ଦୁର୍ଘଟଣା ନ ଘଟିବ ସେଥିପାଇଁ ରେଲିଂ ଲଗାଯାଉଛି।

# ପିସିସି ସଭାପତି କଳି କାରଣ ଚର୍ଚ୍ଚା

- ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରକ୍ତାକ୍ତ ସଂଘର୍ଷ ଘଟଣା
- ମାପିଚୁପି ବୟାନ ରଖିଲେ କଂଗ୍ରେସ ମୁଖିଆ

ପୁରୀ ଅଫିସ, ୧୭।୨:

ପୁରୀ ଜିଲା କଂଗ୍ରେସ ସ୍ଥିତିକୁ ସଜାଡ଼ିବା ଲାଗି ସୋମବାର ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ହୋଇଥିଲା ସାଙ୍ଗଠନିକ ସଭା। ତେବେ ଏଥିରେ ଦଳର ମୁଖିଆମାନଙ୍କ ଉପସ୍ଥିତିରେ ଘଟିଥିଲା ରକ୍ତାକ୍ତ ସଂଘର୍ଷ। ଦୁଇଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, କଥା କଟାକଟି ଏବଂ ପରେ ଏହା ସଂଘର୍ଷର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ଯୁବକଙ୍କ ଲୁହା ରଡ଼ ମାଡ଼ରେ ଅନ୍ୟ ଏକ ଗୋଷ୍ଠୀର ୩ ଯୁବକ ଗୁରୁତର ହୋଇଛନ୍ତି। ତେବେ ଏହା ପଛରେ ପିସିସି ସଭାପତି କଳି ହିଁ ପ୍ରମୁଖ କାରଣ ବୋଲି ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ପିସିସି ସଭାପତି ଏବଂ ରାଜ୍ୟ ମୁଖିଆ ହେବାକୁ ଥିବା ଆଶାୟୀ ଗୋଷ୍ଠୀଙ୍କ ମଧ୍ୟରେ ଏହି ସଂଘର୍ଷ ହୋଇଥିବା କୁହାଯାଉଛି।

ଅପରାହ୍ନରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ସମ୍ପାଦକ ରୁଦ୍ର ରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କୁ କର୍ମୀମାନେ ଶୋଭାଯାତ୍ରାରେ ଜିଲା କାର୍ଯ୍ୟାଳୟକୁ ଆଣିଥିଲେ। ଏମାନେ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରୁଥିବାବେଳେ ଗଣ୍ଡଗୋଳ ହୋଇଥିଲା। ମୁଖିଆମାନଙ୍କୁ ଶୋଭାଯାତ୍ରାରେ ଆଣିଥିବା ଦୁଇ ଛାତ୍ରନେତାଙ୍କ ସମେତ ଅନ୍ୟ ଜଣେ ଏହି ସଂଘର୍ଷରେ ଗୁରୁତର ଆହତ ହୋଇଛନ୍ତି। ତେବେ ଆକ୍ରମଣକାରୀ କିଏ ଏବଂ କାହିଁକି ଏପରି ଗଣ୍ଡଗୋଳ ହେଲା ତାହାକୁ ନେଇ ଏବେ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଛି। ପିସିସି ସଭାପତି ପଦକୁ ନେଇ ରାଜ୍ୟସ୍ତରରେ ଚାଲିଛି ଛକାପଞ୍ଝା। କଂଗ୍ରେସ ଭିତରେ ଫାଟ ପଦାକୁ ଆସିଛି। ବର୍ତ୍ତମାନର ସଭାପତିଙ୍କୁ ହଟାଇ ମହମ୍ମଦ ମୋକିମଙ୍କୁ ସଭାପତି କରିବା ଲାଗି ଗୋଟିଏ ଗୋଷ୍ଠୀ ଚାହୁଁଛନ୍ତି। ଦଳ ଭିତରେ ଏହି ଗୋଷ୍ଠୀ କନ୍ଦଳ ଆଉ ରାଜ୍ୟସ୍ତରରେ ସୀମିତ ନାହିଁ, ଜିଲାସ୍ତର ପର୍ଯ୍ୟନ୍ତ ପହଞ୍ଚିଲାଣି। ପୁରୀରେ ବି କଂଗ୍ରେସ ମଧ୍ୟରେ ଗୋଷ୍ଠୀ କନ୍ଦଳ ରହିଛି। ସୋମବାର ପିସିସି ସଭାପତି ଆସୁଥିବାରୁ ତାଙ୍କ ସମର୍ଥକମାନେ ସକ୍ରିୟ ହୋଇପଡ଼ିଥିଲେ। ସେମାନେ ବାଇକ୍ ଶୋଭାଯାତ୍ରା କରି ଦଳର ଜାତୀୟ ଏବଂ ରାଜ୍ୟ ମୁଖିଆମାନଙ୍କୁ ଜିଲା କାର୍ଯ୍ୟାଳୟକୁ ଆଣିଥିଲେ। ଯାହାକୁ ନେଇ ବିପକ୍ଷ ଗୋଷ୍ଠୀ ଉତ୍ୟକ୍ତ ହୋଇ ଏପରି କାଣ୍ଡ ଘିଆଇଥିବା ଚର୍ଚ୍ଚା ହେଉଛି। ତେବେ ଏ ନେଇ ଦଳୀୟ ମୁଖିଆମାନେ ମାପିଚୁପି ବୟାନ ରଖିଛନ୍ତି।

ଓଡ଼ିଶା ପ୍ରଭାରୀ ସିଂ ପରୋକ୍ଷରେ ଗଣ୍ଡଗୋଳକାରୀ କଂଗ୍ରେସ ଦଳର ନୁହନ୍ତି ବୋଲି କହିଛନ୍ତି। ଯେଉଁମାନେ ଗଣ୍ଡଗୋଳ କରିଛନ୍ତି ସେମାନେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ କିମ୍ବା କଂଗ୍ରେସ ଦଳର ତାହା ଆମେ ଜାଣିନାହୁଁ, ସେମାନେ ବିଜେଡି କିମ୍ବା ଭାଜପାର ମଧ ହୋଇଥାଇପାରନ୍ତି ବୋଲି ସିଂ କହିଛନ୍ତି। ପିସିସି ସଭାପତି ପଟ୍ଟନାୟକ କହିଛନ୍ତି, ଘଟଣା ଘଟିଛି, କିନ୍ତୁ ଏହାର ତର୍ଜମା ନ କରି କାହା ଉପରେ ଦୋଷ ଦେବା ଠିକ୍ ହେବ ନାହିଁ। ଯେଉଁମାନଙ୍କର କଂଗ୍ରେସ ସହିତ କୌଣସି ସମ୍ପର୍କ ନାହିଁ ସେମିତି କିଛି ପିଲା ଆସି ଏଠାରେ ଗଣ୍ଡଗୋଳ କରିଥିବା ଶୁଣିବାକୁ ମିଳୁଛି। ଏଥିରେ କଂଗ୍ରେସ ପିଲା ଆହତ ହୋଇଛନ୍ତି। ଏହାର ତଦନ୍ତ ହେବ। ଯଦି ଗଣ୍ଡଗୋଳକାରୀ ବାହାର ପିଲା ହୋଇଥାନ୍ତି ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। କିନ୍ତୁ ଯଦି କଂଗ୍ରେସ ପିଲା ହୋଇଥାନ୍ତି ତେବେ ତାଙ୍କ ବିରୋଧରେ ନିଶ୍ଚିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସି ସଭାପତି କହିଛନ୍ତି। ତେବେ ଏହି ଗଣ୍ଡଗୋଳ ପଛର କାରଣ ପିସିସି ସଭାପତି କଳି ପ୍ରଶ୍ନରେ ସେ କୌଣସି ଉତ୍ତର ରଖି ନ ଥିଲେ।